ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.246 Bhubaneswar Friday November 10 2023 | ୨୬ତମ ବର୍ଷ ସଂଖ୍ୟା-୨୪୬ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଓଏଚ୍ଆରସିରେ ଖାଲି ପଡିଥିବା ସଦସ୍ୟ ପଦ ପୂରଣ, ପଡିରହିଛି ହଜାର ହଜାର ମାମଲା




ଭୁବନେଶ୍ୱର,୯।୧୧(ପି.ଏନ): ଓଡିଶା ମାନବାଧିକାର କମିଶନ (ଓଏଚ୍ଆରସି)ର ସଦସ୍ୟ ଭାବେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି । ଏହାସହିତ ଗତ ଫେବୃୟାରୀ ମାସରୁ କମିଶନରେ ଖାଲି ପଡିଥିବା ସଦସ୍ୟ ପଦ ପୂରଣ ହୋଇଛି । ଅନ୍ୟପକ୍ଷରେ କମିଶନରେ ବର୍ଷ ବର୍ଷ ଧରି ହଜାର ହଜାର ମାମଲା ଦୀର୍ଘଦିନ ଧରି ବିଚାର ପାଇଁ ପଡି ରହିଥିବାବେଳେ ବିଗତ ୯ମାସ ମଧ୍ୟରେ ମାତ୍ର ୬୨୩ଟି ମାମଲାରେ ନିର୍ଦ୍ଦେଶନାମା ଜାରି କରିବାରେ ସକ୍ଷମ ହୋଇଛନ୍ତି । ଆଇନ ବିଭାଗର ବିଜ୍ଞପ୍ତି ଅନୁସାରେ, ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଚିତ୍ତରଞ୍ଜନ ମହାପାତ୍ର ଓଡିଶା ମାନବାଧିକାର ଆୟୋଗର ସଦସ୍ୟ ହେବେ । ସେ ଯେଉଁଦିନ ଦାୟିତ୍ୱ ଗ୍ରହଣ କରିବେ ସେବେଠୁ କମିଶନରେ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହେବ । ଜଷ୍ଟିସ ରଘୁବର ଦାଶଙ୍କ ଇସ୍ତଫା ଯୋଗୁ ଏହି ସଦସ୍ୟ ପଦବୀ ଖାଲି ପଡିଥିଲା । ତାଙ୍କଠୁ ଜୁନିୟର ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କୁ ଓଡିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିବା ଦର୍ଶାଇ ଜଷ୍ଟିସ ରଘୁବର ଦାଶ ନିଜ ଆଡୁ କମିଶନରୁ ଓହରି ଯାଇଥିଲେ । ଏବେ କମିଶନ ଅଧ୍ୟକ୍ଷ ଭାବେ ଜଷ୍ଟିସ ପୂଜାହାରୀ ଓ ଅନ୍ୟତମ ସଦସ୍ୟ ଭାବେ ଅସୀମ ଅମିତାଭ ଦାଶ କାର୍ଯ୍ୟ କରୁଛନ୍ତି ।

## ଡିସେମ୍ବର ୪ରୁ ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ,୯।୧୧(ପି.ଏନ) : ଡିସେମ୍ବର ୪ ତାରିଖରୁ ଆରମ୍ଭ ହେବ ସଂସଦର ଶୀତ ଅଧିବେଶନ। ଏହା ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୧୯ ଦିନ ମଧ୍ୟରେ ମୋଟ ୧୫ଟି କାର୍ଯ୍ୟ ଦିବସ ରହିଛି। ସଂସଦୀୟ ବ୍ୟପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏନେଇ ଆଜି ସୂଚନା ଦେଇଛନ୍ତି। ସାଧାରଣତଃ ନଭେମ୍ବର ମାସରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହୁଏ। କିନ୍ତୁ ଏଥର ୫ଟି ରାଜ୍ୟରେ ନିର୍ବାଚନ ଚାଲିଥିବାରୁ ଶୀତ ଅଧିବେଶନ ଡିସେମ୍ବର ମାସରୁ ଆରମ୍ଭ ହେଉଛି। ମଧ୍ୟ ପ୍ରଦେଶ, ରାଜସ୍ଥାନ, ଛତିଶଗଡ, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନର ଫଳାଫଳ ଡିସେମ୍ବର ୩ ତାରିଖରେ ପ୍ରକାଶ ପାଉଥିବା ବେଳେ ତା'ପର ଦିନଠାରୁ ଆରମ୍ଭ ହେବ ସଂସଦର ଶୀତ ଅଧିବେଶନ। ନୂଆ ସଂସଦ ଭବନରେ ବସିବ ଏହି ଅଧିବେଶନ। ଗତ ସେପ୍ଟେମ୍ବର ମାସରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ବସିଥିଲା। ସଂସଦର ନୂଆ କୋଠାରେ ଏହି ଅଧିବେଶନ ବସିଥିଲା। ଏହି ଅଧିବେଶନରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିଲା।

## ଶ୍ରୀମନ୍ଦିର ସମ୍ମୁଖରେ କଂଗ୍ରେସର ବିଶାଳ ସଂକୀର୍ତ୍ତନ ସତ୍ୟାଗ୍ରହ

ପୁରୀ,୯।୧୧(ପି.ଏନ): ଶ୍ରୀମନ୍ଦିର ସମ୍ମୁଖରେ କଂଗ୍ରେସର ବିଶାଳ ସଂକୀର୍ତ୍ତନ ସତ୍ୟାଗ୍ରହ । ଅଭିନବ ଢଙ୍ଗରେ କଂଗ୍ରେସ କର୍ମୀ କଲେ ସତ୍ୟାଗ୍ରହ। ଶହଶହ କର୍ମୀ ଏହି ସତ୍ୟାଗ୍ରହରେ ସାମିଲ ହେବା ସହ ଶ୍ରୀମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ରାଜ୍ୟବ୍ୟାପୀ ଚାଲିଥିବା ଏହି ସତ୍ୟାଗ୍ରହରେ ଭକ୍ତଙ୍କୁ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା ସହ ମହାପ୍ରଭୁଙ୍କ ସ୍ୱର୍ଣ୍ଣାଳଙ୍କାରର ଗଣତି ଓ ମଣତି କରିବା ଦାବି କରିଛନ୍ତି। ଏଥିସହିତ ରତ୍ନଭଣ୍ଡାର ମରାମତି ଦାବି କରିଛି କଂଗ୍ରେସ। ଜଗନ୍ନାଥ ମହାପ୍ରଭୁଙ୍କ ଭୂ-ସଂପତ୍ତି ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ବେଦାନ୍ତ ଅଧିଗୃହୀତ ଜମି ପ୍ରଜା ମାନଙ୍କ ନାମରେ ରେକର୍ଡ କରିବା ଆଦି ଦାବି କରିଛି କଂଗ୍ରେସ । ଏସବୁ ପ୍ରମୁଖ ଦାବି ନେଇ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଛି।

## ନେତାଙ୍କ ବିରୋଧରେ ଥିବା ମାମଲାର ଶୁଣାଣି ଶୀଘ୍ର ଶେଷ କର



ଭୁବନେଶ୍ୱର,୯।୧୧(ପି.ଏନ):ଆଗକୁ ବିଧାନସଭା ନିର୍ବାଚନ। ଏହାରି ଭିତରେ ଆସିଛି ସୁପ୍ରିମକୋର୍ଟଙ୍କ ବଡ ରାୟ। ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ଅପରାଧିକ ମାମଲାର ଶୀଘ୍ର ରାୟ ଶୁଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସବୁ ରାଜ୍ୟର ହାଇକୋର୍ଟଙ୍କୁ କୁହାଯାଇଛି। ଏହା ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବାକୁ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ।ଏହାସହ ଟ୍ରାଏଲ କୋର୍ଟ ପାଇଁ ସମାନ ଗାଇଡଲାଇନ ଗଠନ କରିବା କଷ୍ଟକର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏପରି ମାମଲାରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ଏହାର ତ୍ୱରିତ ଶୁଣାଣି କରନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଶେଷ କରି ଆଜୀବନ କାରାଦଣ୍ଡ ଓ ଫାଶୀ ଦଣ୍ଡାଦେଶ ଥିବା ମାମଲାଗୁଡିକୁ ଅଧିକ ପ୍ରାଥମିକତା ଦିଆଯାଉ। କୋର୍ଟ ଏଥିପାଇଁ ସ୍ୱତନ୍ତ୍ର ବେଞ୍ଚ ମଧ୍ୟ ଗଠନ କରିପାରିବେ। ଯଦି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଆଜୀବନ କାରାଦଣ୍ଡ ଠାରୁ ହତ୍ୟା ପର୍ଯ୍ୟନ୍ତ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏଭଳି ମାମଲାରେ ଟାଇମ୍‌ଲାଇନ୍‌କୁ ନେଇ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡଙ୍କ ବେଞ୍ଚ କହିଛନ୍ତି।

## ଆୟୁର୍ବେଦିକ କଲେଜ ଅଧ୍ୟକ୍ଷଙ୍କର ପୁଳା ପୁଳା ସମ୍ପତ୍ତି; ୩ଟି କୋଠା ଓ ୧୬ଟି ପ୍ଲଟ୍ ଠାବ

ଭୁବନେଶ୍ୱର,୯।୧୧(ପି.ଏନ): ବଲାଙ୍ଗିର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରା ଜମା କରିଛନ୍ତି ପୁଳା ପୁଳା ସମ୍ପତ୍ତି। ଆଜି ଭିଜିଲାନ୍ସ ରେଡ୍ ବେଳେ ଏହା ସାମ୍ନାକୁ ଆସିଛି। ପ୍ରଫେସର ସୁଦର୍ଶନ ବେହେରାଙ୍କର ତିନିଟି ବହୁତଳ କୋଠା ରହିଛି। ସେଥିରୁ ଗୋଟିଏ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ବ୍ଲକ୍ ଛକ ନିକଟରେ ରହିଛି। ଏହି ଘରଟି ୪ ମହଲା ବିଶିଷ୍ଟ। ସେହିପରି ପୁରୀ ଜିଲ୍ଲା ସତ୍ୟବାଦୀର ଶ୍ରୀରାମଚନ୍ଦ୍ରପୁରରେ ତାଙ୍କର ଏକ ଦୁଇ ମହଲା କୋଠା ରହିଛି। ପୁରୀ ଜିଲ୍ଲା ଗୋପର ସୋରିଷପଦାରେ ମଧ୍ୟ ତାଙ୍କର ଏକ କୋଠା ଠାବ କରାଯାଇଛି। ତିନୋଟି ବହୁତଳ କୋଠା ସହିତ ପ୍ରଫେସର ସୁଦର୍ଶନ ବେହେରାଙ୍କ ପୁରୀ ଜିଲ୍ଲାରେ ୧୬ଟି ପ୍ଲଟ ଠାବ କରିଛି ଭିଜିଲାନ୍ସ। ଭିଜିଲାନ୍ସର ବୈଷୟିକ ଟିମ୍ ତିନୋଟି ଯାକ ଘର ଓ ସମସ୍ତ ପ୍ଲଟର ମାପଚୁପ ଓ ମୂଲ୍ୟାୟନ କରୁଛି।

## ସାମ୍ବାଦିକଙ୍କ ଅକାଳ ବିୟୋଗ



ବାଲେଶ୍ୱର,୯।୧୧(ପି.ଏନ): ବାଲେଶ୍ୱରର ଜଣାଶୁଣା ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଆକସ୍ମିକ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଦୃଢ଼ ସଙ୍ଗଠକ ମଧ୍ୟ ଥିଲେ। ସାମ୍ବାଦିକତା ସହ ସେ ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ସାଙ୍ଗଠନିକ ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ତାଙ୍କ ଅନ୍ତିମ ଶବସତ୍କାର ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ନିଜ ଗ୍ରାମରେ ସମ୍ପନ୍ନ ହୋଇଛି। ସୂଚନା ଯୋଗ୍ୟ ସେ ଜଣେ ମେଳାପି, ପରୋପକାରୀ ଓ ଅମାୟିକ ବ୍ୟକ୍ତି ଥିଲେ। ଦୈନିକ ପର୍ଯ୍ୟବେକ୍ଷକର ବାଲେଶ୍ୱର ଜିଲ୍ଲା ପ୍ରତିନିଧି ଭାବେ କିଛି ବର୍ଷ କାମ କରିଥିଲେ। ପର୍ଯ୍ୟବେକ୍ଷକ ପରିବାର ପକ୍ଷରୁ ମୁଖ୍ୟସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସହ ଯୋଗାଯୋଗ ସହ ସମବେଦନା ଜ୍ଞାପନ କରିଛନ୍ତି।

## ମୋ ମୂର୍ଖାମୀ ଯୋଗୁ ସେ ମୁଖ୍ୟମନ୍ତ୍ରୀ ବନିଥିଲେ, ବର୍ଷିଲେ ନୀତୀଶ କୁମାର

ନୂଆଦିଲ୍ଲୀ,୯।୧୧(ପି.ଏନ): ବିହାର ବିଧାନସଭାରେ ପୁଣି ଥରେ ହଙ୍ଗାମା। ବର୍ଷିଲେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାଝିଙ୍କ ଉପରେ ସେ ରାଗିଯାଇଛନ୍ତି। ତାଙ୍କୁ ଗାଳି ଦେବା ସହ କଡା ଭାଷାରେ ତାଙ୍କ ବିରୋଧରେ ଦେଲେ ମନ୍ତବ୍ୟ। ସଂରକ୍ଷଣ ସଂଶୋଧନ ବିଲ୍ ? ଉପରେ ଆଲୋଚନା ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା।ବିଲ୍ ଉପରେ ଆଲୋଚନା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାଝି ନିଜ ମତ ରଖିଥିଲେ। ସେ କହିଥିଲେ ଯେ ବିହାରରେ ହୋଇଥିବା ଜାତିଗତ ଜନଗଣନାକୁ ମୁଁ ବିଶ୍ୱାସ କରେ ନାହିଁ। ପ୍ରତି ୧୦ ବର୍ଷ ସଂରକ୍ଷଣର ସମୀକ୍ଷା ପାଇଁ ଆଲୋଚନା ହେଉଥିଲେ ମଧ୍ୟ ବିହାର ସରକାର ସଂରକ୍ଷଣର ସମୀକ୍ଷା କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ସଂରକ୍ଷଣର ଅବସ୍ଥା କ'ଣ ତାହା ସରକାର ଦେଖିବା ଉଚିତ।

## ୨୭ରେ ଓଡିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୯।୧୧(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୭ ତାରିଖରେ ଓଡିଶା ଗସ୍ତରେ ଆସିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପାରାଦୀପ ବନ୍ଦର ପକ୍ଷରୁ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ଯୋଗ ଦେବେ। ଦିନ ୧୦ଟାରୁ ୧୨ଟା ୩୦ ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଚାପମୁକ୍ତ ହେବେ ମାଟ୍ରିକ ଛାତ୍ରଛାତ୍ରୀ: ସ୍ୱତନ୍ତ୍ର ସେଲ ଗଠନ ପାଇଁ ଓସେପା ନେଲା ବଡ ନିଷ୍ପତ୍ତି




ଭୁବନେଶ୍ୱର,୯।୧୧(ପି.ଏନ): କିଛି ମାସ ପରେ ରାଜ୍ୟରେ ମାଟ୍ରିକ ପରୀକ୍ଷା । ଏହି ସମୟରେ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ବେଶ ଉଦବିଗ୍ନ ହୋଇଉଠନ୍ତି । ଏପରି ସ୍ଥିତିରେ ବିଭିନ୍ନ ମାନସିକ ଚାପର ମଧ୍ୟ ଶିକାର ହୁଅନ୍ତି ଛାତ୍ରଛାତ୍ରୀ । ତେବେ ଏହି ଛାତ୍ରଛାତ୍ରୀମାନଙ୍କୁ ଚାପମୁକ୍ତ କରିବା ପାଇଁ ଓଡିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟରେ ଖୋଲିବାକୁ ଯାଉଛି ଏକ ସ୍ୱତନ୍ତ୍ର ସେଲ ।ଏହି ସେଲ ଫେବ୍ରୁଆରି ପହିଲାରୁ କାର୍ଯ୍ୟକ୍ଷମ ହେବା ନେଇ ସୂଚନା ମିଳିଛି । ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପକ୍ଷରୁ କରାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏଠାରେ ପରାମର୍ଶ ଦିଆଯିବ । ଏ ନେଇ ବୁଧବାର ଓସେପା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କର୍ମଶାଳାରେ ନିଷ୍ପତ୍ତି ନିଆଯାଇଛି ।ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ. କହିଥିଲେ- "ପିଲାମାନଙ୍କର ଶିକ୍ଷାଗତ ଉନ୍ନତି ଏବଂ ଦକ୍ଷତା ବିକାଶ ପାଇଁ ପରୀକ୍ଷା ଏକ ପ୍ରକ୍ରିୟା ମାତ୍ର । ଏହାକୁ ନେଇ ମାନସିକ ଚାପଗ୍ରସ୍ତ ହେବା ଅନୁଚିତ । ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସକୁ ବଢ଼ାଇବା ସହ ଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ଆବଶ୍ୟକ ।

## ପୂଜାରେ ପ୍ରଦୂଷଣ ମୁକ୍ତ ରହିବା ପାଇଁ ପ୍ରଶାସନ, ପୂଜା କମିଟି ଓ ଜନସାଧାରଣ ପାଇଁ ଜାରି ହେଲା ବିଜ୍ଞପ୍ତି

ଭୁବନେଶ୍ୱର,୯।୧୧(ପି.ଏନ): ପ୍ରଦୂଷଣମୁକ୍ତ ରହିବା ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା, କାଳୀ ପୂଜା ଓ ସରସ୍ୱତୀ ପୂଜାରେ ସତର୍କ ରହିବାକୁ କୁହାଯାଇଛି । ଏହି ଅବସରରେ ପୂଜା କମିଟିର କର୍ମକର୍ତ୍ତା, ଜିଲ୍ଲା ପ୍ରଶାସନ, ଜନସାଧାରଣଙ୍କ ପାଇଁ ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି ।ମୂର୍ତ୍ତି ନିର୍ମାଣରେ ପୋଡା ମାଟି ପରିବର୍ତ୍ତ ? ପ୍ରାକୃତିକ ମାଟି ବ୍ୟବହାର କରିବା, ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରିବା, ମୂର୍ତ୍ତିର ଉଚ୍ଚତାକୁ ୨୦ ଫୁଟ ଓ ମଣ୍ଡର ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖିବା, ମୂର୍ତ୍ତିକୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା, ସାଜସଜ୍ଜା, ପ୍ରସାଦ ବିତରଣ ପାଇଁ ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର ନ କରିବାକୁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନିବେଦନ କରାଯାଇଛି ।ସେହିପରି ମୂର୍ତ୍ତି ବିସର୍ଜନଜନିତ ଜଳ ପ୍ରଦୂଷଣ ନେଇ ସଚେତନ ହେବା, ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବା ନେଇ ସଚେତନ ହେବା, ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ନେଇ ପୂଜା କମିଟିକୁ ଅବଗତ କରାଇବା, ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ମ୍ୟୁନିସିପାଲ ଡମ୍ପସାଇଟକୁ ସ୍ଥାନାନ୍ତର କରିବାକୁ ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଛି । ପୂଜାରେ ପ୍ରାକୃତିକ ରଙ୍ଗଯୁକ୍ତ ମୂର୍ତ୍ତି କିଣିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ନିୟମ ନ ମାନିଲେ ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା କରାଯାଇଛି । ସମସ୍ତ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବାକୁ କୁହାଯାଇଛି ।

## ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀ ଉଦଘାଟିତ

ଭୁବନେଶ୍ୱର,୯।୧୧(ପି.ଏନ): ଯୁଗଯୁଗରୁ ପୁଷ୍ଟିଶସ୍ୟ ବା ମିଲେଟ୍ ଆମ ଖାଦ୍ୟପେୟର ଏକ ବିଶେଷ ଅଂଶ ହୋଇ ରହିଆସିଛି । ଓଡ଼ିଶାରେ ଏହାକୁ ବିଶେଷତ ଆଦିବାସୀ ସମ୍ପ୍ରଦାୟର କୃଷକମାନେ ଚାଷ କରି ଆସୁଛନ୍ତି । ସେମାନଙ୍କ ପାଇଁ ଏହି ମୂଲ୍ୟବାନ ଶସ୍ୟ ଆଜି ବି ବଞ୍ଚି ରହିଛି ଓ ବର୍ତ୍ତମାନର ପିଢି ପାଖରେ ପହଞ୍ଚି ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଭୁବନେଶ୍ୱର ଜନତା ମଇଦାନରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀକୁ ଉଦଘାଟନ କରି ଏହା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ପୁଷ୍ଟିଶସ୍ୟ ଉତ୍ପାଦନ ଓ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୭ରେ ମୋ ସରକାର ଓଡ଼ିଶା ମିଲେଟ ମିଶନର ଶୁଭାରମ୍ଭ କରିଥିଲେ। ଏହି ମିଶନ ଜରିଆରେ ଆମେ ଏସବୁ ପୁଷ୍ଟିକର ଶସ୍ୟକୁ ବର୍ତ୍ତମାନର ଖାଦ୍ୟ ପ୍ରଣାଳୀରେ ଏକ ଅନିର୍ବାଯ୍ୟ ଅଂଶ ଭାବେ ଗ୍ରହଣ କରି ପୁନରୁଦ୍ଧାର କରିବା ଲାଗି ଲକ୍ଷ୍ୟ ରଖିଛୁ। ମିଲେଟ୍ ଆମକୁ ଅନେକ ବିଶେଷ ସ୍ୱାସ୍ଥ୍ୟଗତ ସୁବିଧାମାନ ପ୍ରଦାନ କରିଥାଏ । ଜଳବାୟୁ ଅନୁକୂଳ ଏହି ଶସ୍ୟ ଯେକୌଣସି ଜଳବାୟୁ ଏବଂ ଭୂଭାଗରେ ଅମଳ ହୋଇପାରୁଥିବାରୁ କ୍ଷୁଦ୍ର ଏବଂ ନାମମାତ୍ର କୃଷକମାନଙ୍କୁ ଏହା ବିଶେଷ ଭାବରେ ସାହାଯ୍ୟ କରିଥାଏ। ମିଲେଟ୍ ଚାଷରେ ସ୍ୱଳ୍ପ ପାଣି ବ୍ୟବହାର ହେଉଥିବାରୁ ଓ ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ଉତ୍ପନ କମ୍ ରହୁଥିବା କାରଣରୁ ଏହା ପରିବେଶ ଅନୁକୂଳ ଅଟେ।୨୦୨୩ ମସିହାକୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ (ମିଲେଟ୍) ବର୍ଷ ଭାବରେ ଘୋଷଣା କରି ମିଳିତ ଜାତିସଂଘ ଓ ଖାଦ୍ୟ ଓ କୃଷି ସଂଗଠନ ବିଶ୍ୱସ୍ତରରେ ଏହି ଶସ୍ୟପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରାଇ ପାରିଛନ୍ତି ଏବଂ ଏହି ପ୍ରାଚୀନ ଶସ୍ୟ ଆଧୁନିକ ସମୟର ସମସ୍ୟା ଓ ଆହ୍ୱାନଗୁଡିକ ଲାଗି ପ୍ରକୃଷ୍ଟ ଉତ୍ତର ବୋଲି ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ଏଥିଲାଗି ମୁଁ ସେମାନଙ୍କୁ ହୃଦୟରୁ କୃତଜ୍ଞତାଜ୍ଞାପନ କରୁଛି । ଏହି ପ୍ରଚେଷ୍ଟାକୁ ଆଉ ପାଦେ ଆଗକୁ ନେବାକୁ ଯାଇ ଓଡିଶାର କୃଷକ, ମିଲେଟ୍ ମା', ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଖେଳାଳୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଏଫ.ପି.ଓ, ଉଦ୍ୟୋଗୀ, ଡାକ୍ତର, ହୋଟେଲ ଏବଂ ଅନ୍ୟମାନଙ୍କର ସକ୍ରିୟ ସହଯୋଗରେ ପ୍ରଥମ ମାଣ୍ଡିଆ ଦିବସ ୧୦ ନଭେମ୍ବର ୨୦୨୨ ରୁ ଆରମ୍ଭ କରି ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ (୯ ଓ ୧୦ ନଭେମ୍ବର ୨୦୨୩) ପର୍ଯ୍ୟନ୍ତ ଏକ ସଫଳ ଯାତ୍ରା ସମ୍ପନ୍ନ କରିବାକୁ ଯାଉଛି ।ଏକ ସର୍ବୋତ୍ତମ ଖାଦ୍ୟ ପହଞ୍ଚାଇବାକୁ ଆମ ରାଜ୍ୟ ସର୍ବୋତ୍ତଭାବେ କାର୍ଯ୍ୟ କରିବ । ମିଲେଟ୍ ଓ ମିଲେଟ୍ ଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଆମର ଉଦ୍ଦେଶ୍ୟ ।ଆମେ ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକମାନଙ୍କ ମଧ୍ୟରେ ଏକ ସକରାତ୍ମକ ଦୃଷ୍ଟିକୋଣ ବିକଶିତ କରି ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ। ମୁଁ ଆଶା କରୁଛି, ଏହି ଅନନ୍ୟ ଶସ୍ୟ ଆଜିର ସମାଜରେ ତା'ର ଯୋଗ୍ୟ ସ୍ୱୀକୃତି ଫେରିପାଇବ ଏବଂ ସୁସ୍ଥ ଜୀବନଯାପନ କରିବାରେ ଆମ୍ଭମାନଙ୍କୁ ସହାୟକ ହେବ ।

ଏହି ଅନ୍ତର୍ଜାତୀୟ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଆଧୁନିକ ଯୁଗର ଆହ୍ୱାନ ନିମନ୍ତେ ପ୍ରାଚୀନ ଶସ୍ୟ-ମିଲେଟସ୍' । ଏହି ସମ୍ମିଳନୀରେ ମିଲେଟ୍ ଚାଷ, ପ୍ରକ୍ରିୟାକରଣରେ କୃଷକମାନଙ୍କର ସଂପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ବୈଷୟିକ ଅଧିବେଶନ, ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ୍ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ହେବ ।ଦୁଇଦିନିଆ ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଖାଦ୍ୟ ମହୋତ୍ସବ, ମିଲେଟ୍ ଉପରେ କୁଇଜ ଓ ରନ୍ଧନ ପ୍ରତିଯୋଗିତା ହେବ । ଜାତିସଂଘର ବିଭିନ୍ନ ସଂସ୍ଥା, କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲମେଣ୍ଟ, ଆଫ୍ରିକୀୟ ଓ ୟୁରୋପୀୟ ଦେଶର କୃଷି ପରାମର୍ଶଦାତା ସାମିଲ ହେବେ ।

## ସମଲେଇ ପ୍ରକଳ୍ପ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ

ଭୁବନେଶ୍ୱର,୯।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଆଜି ସକାଳେ ସମ୍ବଲପୁରରେ ସମଲେଇ ପ୍ରକଳ୍ପର ସମୀକ୍ଷା କରି ଅଧିକ ମେସିନ ଓ ଲୋକ ବ୍ୟବହାର କରି କାମ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ପ୍ରଥମେ ସେ ମା ସମଲେଇଙ୍କ ପୂଜା ଅର୍ଚ୍ଚନା କରି ଭୋର୍ ୪ ଟା ରୁ ୬ ଟା ପର୍ଯ୍ୟନ୍ତ ପ୍ରକଳ୍ପ ସ୍ଥଳ ବୁଲି କାମର ଅଗ୍ରଗତି ସମୀକ୍ଷା କରିଥିଲେ ।ସମୀକ୍ଷା ରେ ଭକ୍ତ ମାନଙ୍କ ପାଇଁ ସବୁ ସୁବିଧାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଯାତ୍ରୀ ମାନେ ଯେପରି ଏକ ସୁନ୍ଦର ଆଧାତ୍ମିକ ଅନୁଭବ ନେଇ ଫେରିବେ ତାକୁ ଆଖିରେ ରଖି ସବୁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଯାତ୍ରୀଙ୍କ ସୁବିଧା ପାଇଁ ଫାଷ୍ଟ ଏଡ୍ ଓ ଅନ୍ୟ ମେଡିକାଲ ସେବାର ସୁବିଧା ରଖିବାକୁ ମଧ୍ୟ ସେ କହିଥିଲେ ।ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଅଂଶ ଗୁଡ଼ିକୁ ଜଲଦି ଆଗେଇ ନେବା ପାଇଁ ଅଧିକ ମେସିନ ଓ ମାନବ ସମ୍ବଳ ବ୍ୟବହାର କରି ଫୁଟ ଓଭର ବ୍ରିଜ, ମନ୍ଦିର ଭିତରବିଭିନ୍ନ କାମ, ଲ୍ୟାମ୍ପ ରୁମ୍, ଐତିହ୍ୟ କରିଡ଼ର, ପୁଷ୍କରିଣୀ ସ୍ଥଳ, ପାର୍କିଂ କାମ ଶୀଘ୍ର ସାରିବାକୁ ସେ ପରାମର୍ଶ ଦେଇଥିଲେ। ବାକି ରହି ଯାଇଥିବା ବିଭିନ୍ନ ଷ୍ଟ୍ରକଚରକୁ ୧୦ ଦିନ ମଧ୍ୟରେ ସଫା କରି କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଐତିହ୍ୟ କରିଡ଼ର ଓ ମନ୍ଦିର ଚାରି ପାଖେ ଖଣ୍ଡାଲାଇଟ୍ ପଥର ବିଛେଇବା କାମକୁ ଶୀଘ୍ର ସରିବା, ସୌନ୍ଦର୍ଯ୍ୟ କରଣ ପାଇଁ ସ୍ଥାନୀୟ ବୃକ୍ଷଲତାର ବ୍ୟବହାର ଓ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ମନ୍ଦିର ଭିତରେ ନିର୍ମାଣ ହେଉଥିବା ବିଭିନ୍ନ କାମ, କ୍ଲକ୍ ଟାୱାର, ଓ ଲାମ୍ପ ରୁମ୍ କାମର ସୌନ୍ଦର୍ଯ୍ୟ କରଣ ଉପରେ ଶ୍ରୀ ପଣ୍ଡିଆନ ଗୁରୁତ୍ୱ ଦେଇଥିଲେ। ଦୁଇ ନମ୍ବର ଐତିହ୍ୟ ଗେଟ, ପାର୍କିଂ,ଐତିହ୍ୟ କରିଡ଼ର ର ବାହାର ପଟରେ କୋବଲ ପଥର ବିଛାଇବା କାମ ଜଲଦି ସରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ପାନୀୟ ଜଳ ସୁବିଧା, ଟଏଲେଟ୍, ସିସିଟିଭି ଓ ଆଲୋକିକରଣ କାମ ମଧ୍ୟ ତୁରନ୍ତ ସାରିବାକୁ ପରାମର୍ଶ ଦେଇଥିଲେ ।ନଦୀ ସମ୍ମୁଖ ସୌନ୍ଦର୍ଯ୍ୟ କରଣ ଓ ବିକାଶ କାମକୁ ପୂର୍ବାବଲୋକନ ବ୍ୟବହାର କରି ଅଧିକ ଲୋକ ଲଗାଇ କାମ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷାରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ, ଆରଡିସି, ଜିଲ୍ଲାପାଳ, ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କତାରରେ ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡାଦେଶ ବିରୋଧରେ ଭାରତର ଆବେଦନ



ନୂଆଦିଲ୍ଲୀ,୯।୧୧(ପି.ଏନ):କତାରରେ ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିବା ବେଳେ ଭାରତ ସରକାର ଆଜି ଏହା ବିରୋଧରେ ଆବେଦନ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି ।ଗତ ଅକ୍ଟୋବର ମାସରେ କତାରର ଏକ କୋର୍ଟ ଏହି ଦଣ୍ଡାଦେଶ ଦେଇଥିଲେ। ଇସ୍ରାଏଲ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗତ ୨୦୨୨ ଅଗଷ୍ଟ ମାସରେ ଭାରତୀୟ ନୌସେନାର ଏହି ୮ ପୂର୍ବତନ ଅଧିକାରୀଙ୍କୁ କତାରର ଗୁଇନ୍ଦା ସଂସ୍ଥା ଗିରଫ କରିଥିଲା। ତେବେ ଗତ ସେପ୍ଟେମ୍ବର ମାସରେ ପ୍ରଥମ ଥର ପାଇଁ ଭାରତୀୟ ଦୂତାବାସକୁ ଏ ସଂପର୍କରେ ସୂଚନା ଦିଆଯାଇଥିଲା।








## ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନିତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୩, ନଭେମ୍ବର ୧୦

# ଅନ୍ଧାରରେ ଭବିଷ୍ୟତ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗତ ରବିବାର ମନହେଲା ଟିକେ ଗାଁ ଆଡେ ବୁଲି ଆସିବାକୁ। ଗାଁରେ ପହଞ୍ଚି ଦେଖିଲି ନିଧିଆ ବାପାଙ୍କ ଦାଣ୍ଡ ଦୁଆରେ ଗାଁ ଯାକର ଲୋକ ରୁଣ୍ଡ। କଥା କ'ଣ ବୁଝିଲା ବେଳକୁ ଯାଣିଲି ତାଙ୍କ ନାତି ଟୋକା ଯେ' କି ନବମ ଶ୍ରେଣୀ ରେ ପଢେ ବେକରେ ରସି ଲଗାଇ ଆତ୍ମହତ୍ୟା ଉଦ୍ୟମ କରୁଥିଲା। ଝର୍କା ସାମାନ୍ୟ ଖୋଲା ଥିବାରୁ ଭାଗ୍ୟ ବସତଃ କେହି ଜଣେ ଦେଖି ଦେଲେ। ତେଣୁ ଅଳ୍ପକେ ଅଘଟଣ ଟଳିଗଲା। ଭାବିଲି ଦେଶର ଭବିଷ୍ୟତ ମାନେ କଣ ପାଇଁ ଅନ୍ଧାର କୁ ଆପଣାଉଛନ୍ତି ଗଣମାଧ୍ୟମ ରେ ପ୍ରତିଦିନର ମୁଖ୍ୟ ଖବର କେଉଁଠି ଦଶମ ଶ୍ରେଣୀର ଛାତ୍ର, କେଉଁଠି ନୁଆଁ ନୁଆଁ କଲେଜ ପଢୁଆ କେଉଁଠି ମେଡିକାଲ ଛାତ୍ର ଆଉ କେଉଁଠି ଇଂଜିନିୟରିଂ ଛାତ୍ର ର ଆତ୍ମହତ୍ୟା ଘଟଣା। ଏହା ମହାମାରୀ ପରି ଛାତ୍ର ସମାଜ କୁ କଳଙ୍କିତ କରିଲାଗିଛି। ଏକ ନୂତନ ଭାରତ-ଶକ୍ତିଶାଳୀ ଭାରତ ଗଠନ ପାଇଁ ନୂତନ ଶିକ୍ଷା ନୀତି-୨୦୨୦କୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରାଯାଉଛି, ଶିକ୍ଷା ପ୍ରତି ସକାରାତ୍ମକ ଚିନ୍ତାଧାରା ବିକଶିତ କରିବା ଲକ୍ଷ୍ୟ। ଆୟ ଦିନ ଏହା ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା। କିନ୍ତୁ ଏତେ ଚେଷ୍ଟା ସତ୍ତ୍ୱେ ଚିନ୍ତାର ବିଷୟ ହେଉଛି ସାରା ଦେଶରେ ଆତ୍ମହତ୍ୟା କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୨୦୨୦ରେ ୧୨,୫୦୦ ରୁ ଅଧିକ ଓ ୨୦୨୧ରେ ୧୩,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ଏହି ତଥ୍ୟ । ମେଡିକାଲ ଓ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ପାଇଁ ରାଜସ୍ଥାନ ର କୋଟା ଏକ ସୁନାମଧନ୍ୟ କୋଚିଂ ସେଣ୍ଟର। ହଜାର ହଜାର ଛାତ୍ରଛାତ୍ରୀ ସେଠାକୁ ଆସନ୍ତି।ଗତ ରବିବାର ସେଠାରେ ଦୁଇ ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏହାକୁ ମିଶାଇ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି, ଯାହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ରାଜସ୍ଥାନର ଏହି ଶିକ୍ଷାସହରରେ ଦୁଇ ମାସ ମଧ୍ୟରେ ୯ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିସାରିଲେଣି। ଏହା ସରକାର, ପ୍ରଶାସନ କିମ୍ବା କୋଚିଂ ଅନୁଷ୍ଠାନର ଅବହେଳା ନା ଅନ୍ୟ କିଛି ? ଏବେ ଆତ୍ମହତ୍ୟା କେନ୍ଦ୍ର ପାଲଟିଥିବା କୋଚିଂ ସେଣ୍ଟର ଗୁଡିକର ଅନ୍ଧାର ପାର୍ଶ୍ୱକୁ ନେଇ ଏହି ବିପର୍ଯ୍ୟୟର ସମାଧାନ ଖୋଜିବାକୁ ପଡ଼ିବ। ଏପରି ନୁହେଁ ଯେ ଏହି ସମସ୍ୟା କାରଣ ଆମେ ଜାଣିନାହୁଁ..... ଦେଶର ବିକାଶ ଓ ଉନ୍ନତି କ୍ଷେତ୍ରରେ ଶିକ୍ଷାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦିଆଯାଉଛି, ଏହା ମଧ୍ୟ କୁହାଯାଉଛି ଯେ ଶିକ୍ଷା ମଧ୍ୟ ଏକ ଅସ୍ତ୍ର ଯାହା ଦ୍ୱାରା ମଣିଷ କେବଳ ନିଜକୁ ନୁହେଁ, ସମାଜ, ରାଷ୍ଟ୍ର ଏବଂ ବିଶ୍ୱକୁ ମଧ୍ୟ ପରିବର୍ତ୍ତନ କରିପାରିବ ।ତା'ହେଲେ ଶିକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତି ବୃଦ୍ଧି ପାଉଛି କାହିଁକି ? ସମସ୍ତେ ଜାଣନ୍ତି ଯେ ଆଜିର ଶିକ୍ଷା ଏକ ବ୍ୟବସାୟ ରେ ପରିଣତ ହେଲାଣି। ସହରର ଗଳି କନ୍ଦିରେ କୁକୁର ମୁତିଲା ପରି କୋଚିଂ ସେଣ୍ଟର ।ପୁଣେର ପରାମର୍ଶଦାତା ସଂସ୍ଥା ଇନଫିନିୟମ ଗ୍ଲୋବାଲ ରିସର୍ଚ୍ଚ ର ଆକଳନ ଅନୁଯାୟୀ ଚଳିତ ବର୍ଷ ଶେଷ ସୁଦ୍ଧା କୋଚିଂ ଶିଳ୍ପର କାରବାର ୫୮,୦୦୦ କୋଟି ଟଙ୍କାରୁ ଅଧିକ ହେବ । ଏହି ଶିକ୍ଷା ସଂସ୍ଥାନ ଭଲଛାତ୍ର ଗଠନ କରୁଛି ନା ବ୍ୟବସାୟ ? ? ଛାତ୍ରଛାତ୍ରୀଙ୍କୁ ଭଲ ପରୀକ୍ଷା ଫଳ ଦେବା ପାଇଁ ଚାପ ପକାଯାଉଛି କି? ଅଧିକ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମନରେ ଅନ୍ୟ ପ୍ରତି ଅହେତୁକ ହିଂସା ଭାବ ଜାଗ୍ରତ କରୁନାହିଁ ତ ? ? ଅଭିଭାବକମାନଙ୍କ ସ୍ୱପ୍ନ ପିଲାଙ୍କ ଉପରେ ବୋଝ ହେଉନାହିଁ ତ ? ଛୁଆ ଜନ୍ମ ହେବା ପରଠାରୁ ଆଜି ପ୍ରତ୍ୟେକ ବାପା, ମାଆ ନିଜ ପିଲାଙ୍କୁ ଆଇଆଇଟି, ଏନ୍‌ଆଇଟି କିମ୍ବା ମେଡିକାଲ୍ ଅନୁଷ୍ଠାନରେ ପଢାଇବା କୁ ସ୍ଥିର କରିନିଅନ୍ତି। ଯାହାକୁ ସାକାର କରିବା ପାଇଁ ଅନେକ ଅଭିଭାବକ ଋଣ ମଧ୍ୟ ନେଇଥାନ୍ତି। ପିତାମାତାଙ୍କ ସ୍ୱପ୍ନରେ ଛଟପଟ ହୋଇ ପିଲାଟି ଯେତେବେଳେ କୋଚିଂ ଇନଷ୍ଟିଚ୍ୟୁଟରେ ପହଞ୍ଚ ? ସେତେବେଳେ ତାକୁ ପ୍ରସ୍ତୁତି ଏବଂ ପରୀକ୍ଷା ପାଇଁ ମୁଣ୍ଡ ରେ ଋଣ ଭାର ରହୁ ନାହିଁ ତ ? ? ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ତୀବ୍ର ପ୍ରତିଯୋଗିତା ଚାଲିଥାଏ ।ଯଦି କୌଣସି କାରଣରୁ କୌଣସି ଛାତ୍ର ପାଠପଢ଼ାରେ ବାଧାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନଙ୍କ ସମସ୍ୟା ର ସମାଧାନ କିଏ କରିବା ଉଚିତ୍ ? କିନ୍ତୁ ଗତ କିଛି ଦଶନ୍ଧି ଧରି ପ୍ରଶ୍ନ ଉଠୁଛି ଯେ ଭୟରେ ହେଉ ବା ଅନ୍ୟ କୌଣସି କାରଣରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଧାବାଟରେ ସ୍କୁଲ ଓ କଲେଜ ଛାଡ଼ି ଆତ୍ମହତ୍ୟା କରୁଛନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକର ଅଧ୍ୟୟନ ରିପୋର୍ଟରେ ଅନେକ ଥର ଏହି ଚିନ୍ତା ପ୍ରକଟ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଅର୍ଥପୂର୍ଣ୍ଣ ସମାଧାନ ବାହାରିପାରିନାହିଁ। ଆତ୍ମହତ୍ୟା ମାମଲା କାହିଁକି ବୃଦ୍ଧି ପାଉଛି ତାହାର ଉତ୍ତର ପ୍ରଶାସନଠାରୁ ଆରମ୍ଭ କରି କୋଚିଂ ଇନଷ୍ଟିଚ୍ୟୁଟ କାହା ପାଖରେ ନାହିଁ। ଯଦି ଛାତ୍ରଛାତ୍ରୀମାନେ କ୍ରମାଗତ ଭାବେ ଏଭଳି ପଦକ୍ଷେପ ନେଉଛନ୍ତି, ତେବେ ମାନସିକ ପରାମର୍ଶ କାହିଁକି କରାଯାଉନାହିଁ। କୋଚିଂ ଇନଷ୍ଟିଚ୍ୟୁଟ୍ ଓ ପ୍ରଶାସନ ପକ୍ଷରୁ ଏ ଦିଗରେ କାହିଁକି କୌଣସି ପଦକ୍ଷେପ ନିଆଯାଉନାହିଁ? ପାରିବାରିକ ଚାପରେ ହେଉ କିମ୍ବା ଆଶାନୁରୂପ ପରୀକ୍ଷା ଫଳ ନ ମିଳିଲେ ଛାତ୍ରଛାତ୍ରୀ ମାନେ ଏଭଳି ମାନସିକ ସ୍ଥରରେ ଭାଙ୍ଗି ପଡ଼ନ୍ତି ଯେ ସେମାନେ ଆତ୍ମହତ୍ୟା ଭଳି ପଦକ୍ଷେପ ନିଅନ୍ତି । କିଛି ଛାତ୍ରଛାତ୍ରୀ ନିଜ ସ୍ୱପ୍ନ ପୂରଣ କରିବା ପାଇଁ ଏତେ ଚାପରେ ଥାଆନ୍ତି ଯେ ଫଳାଫଳ ବାହାରିବା ପୂର୍ବରୁ ଆତ୍ମହତ୍ୟା ଭଳି କଠୋର, ଦୁଃଖଦ ଓ ଭୟଙ୍କର ପଦକ୍ଷେପ ନେଇଥାନ୍ତି ।ଏହା ପଛରେ ଲୁଚିଥିବା କାରଣ ଆମେ ସମସ୍ତେ ଜାଣିଛନ୍ତି। ଖାଲି ସମାଧାନ ପାଇଁ ପ୍ରୟନ୍ ଦରକାର।

*ନୟାଗଡ*
*ମୋ-୯୪୩୭୬୪୨୯୪୭*

# ଆତ୍ମ ସାକ୍ଷାତକାରର ପ୍ରଜ୍ୱଳିତ ପ୍ରଦୀପର ମହାପାର୍ବଣ : ଦୀପାବଳୀ



ଯଶସ୍ୱିନୀ ପଟ୍ଟନାୟକ

ଦୀପାବଳିକୁ ମହାନିଶା ଏବଂ ଶୁଭରାତ୍ରି ବୋଲି ମାନ୍ୟତା ଦିଆଯାଇଛି । 'ଦୀପାବଳି' ହେଉଛି ଅନ୍ଧକାର ଉପରେ ପ୍ରକାଶ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସ ବା ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଯେମିତି ଆଲୋକ ଅନ୍ଧକାରକୁ ଲିଭାଇଦିଏ, ସେମିତି ଜ୍ଞାନର ଆଲୋକ ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ପ୍ରତ୍ୟେକ ଘରେ ଜୀବନ, ପ୍ରତ୍ୟେକ ମୁହଁରେ ହସ ପାଇଁ 'ଦୀପାବଳୀ' ପାଳିତ ହୋଇଥାଏ । 'ଦୀପାବଳି'ର ଶାବ୍ଦିକ ଅର୍ଥ ହେଉଛି 'ପ୍ରକାଶର ପଂକ୍ତି' । ତ୍ରେତୟା ଯୁଗରେ ରାମ, ରାବଣକୁ ବଧ କରି ଯେଉଁ ଦିନ ଅଯୋଧ୍ୟା ଫେରିଥିଲେ ସେହିଦିନ ଥିଲା ଦୀପାବଳି । ତେଣୁ ଅଯୋଧ୍ୟାବାସୀ ଦୀପ ଜାଳି ରାମଙ୍କୁ ସ୍ୱାଗତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲାପରେ ତାହା ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ମଧ୍ୟ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା । କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ତୁତିରୁ ଶାନ୍ତି ରୂପୀ ଲକ୍ଷ୍ମୀ ପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜା ବିଧାନ ରହିଛି । ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ। ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ। ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସୀ ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ। ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଏହିଦିନ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପିଣ୍ଡଦାନ ପରେ ପିମ୍ପେଇ ଡକାଯାଏ। କାଉଁଡିଆ କାଠି, ବେରୁଆ ଓ ଘିଅରେ ପ୍ରସ୍ତୁତି ହୋଇଥାଏ ପିମ୍ପେଇ କାଠି। ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ ବଡୁଆଙ୍କୁ ଆହ୍ୱାନ କରାଯାଇଥାଏ। ସେମାନେ ଆଲୋକରେ ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିମ୍ପେଇ ଡାକି କାମନା କରିଥାନ୍ତି। ପିମ୍ପେଇଁ ଡାକରେ ମଧ୍ୟ ରହିଛି ଏକ ସୁନ୍ଦର ବନ୍ଦନା। ବନ୍ଦନାଟି ଏହିପରି – 'ବଡ଼ବଡୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, ବାଇଁଶି ପାହାଚରେ ଗଡ଼ଗଡ଼ଉଥାଅ'। ପୌରାଣିକ କଥା କାହାଣୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ନିଜ ଅଯୋଧ୍ୟା ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସମଗ୍ର ଅଯୋଧ୍ୟାବାସୀ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋକମାଳାରେ ଏହି ଦିନଟିକୁ ସ୍ମରଣୀୟ କରିଥିଲେ। ପରବର୍ତ୍ତୀ ସମୟରେ ସମଗ୍ର ଭାରତ ବର୍ଷରେ ଆନନ୍ଦ, ଉଲ୍ଲାସ, ଭାଇଚାରାର ମହାପାର୍ବଣ ରୂପରେ ଏହି ଦିବସଟିକୁ ପାଳନ କରାଯାଉଛି। ଆମ ପ୍ରାଚୀନତମ ସଂସ୍କୃତି ସବୁବେଳେ ଜ୍ଞାନ, ସେବା ଓ କର୍ମମୟ ଆଦର୍ଶଣୀୟ ଜୀବନର ପ୍ରଦୀପକୁ ଆମ ମାନଙ୍କ ହୃଦୟ ଭିତରେ ଚେତନାସିକ୍ତ କରି ଅହରହ ପ୍ରଦୀପକୁ ପ୍ରଜ୍ୱଳିତ କରୁଥାଏ। ତେବେ ପରବର୍ତ୍ତୀ ସମୟରେ ଏହି ଦୀପାବଳିର ଆକାର ପ୍ରକାର ଓ ବ୍ୟାପକତା ବୃଦ୍ଧି ପାଇଲା, ଶେଷରେ ଏହା ପ୍ରଦୂଷଣର ଏକ ପ୍ରମୁଖ କାରଣ ପାଲଟିଲା। ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ସମଗ୍ର ଭାରତରେ ସବୁଜ ବାଣ ପାଇଁ ଅନୁମତି ପ୍ରଦାନ କରି ପ୍ରଦୂଷଣଯୁକ୍ତ ବାଣର ବ୍ୟବହାରକୁ ବନ୍ଦ କରିଛନ୍ତି। ଆଲୋକର ପର୍ବ ଦୀପାବଳିରେ ବାଣ ଫୁଟିଲେ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପାଉଛି। ଗତବର୍ଷ ଦୀପାବଳି ପରେ ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଗଲା ଯେ ଏକ ପ୍ରକାର ବିଷାକ୍ତ ବଳୟ ସୃଷ୍ଟି ହେଲା। ଏହି ଆଲୋକର ପାର୍ବଣରେ ବାଣ ଯେଉଁପରି ରୋଗ ଓ ପ୍ରଦୂଷଣକୁ ବଢ଼ାଇଥାଏ ତାହା ଆମ ମାନଙ୍କ ପାଇଁ ଯେ କେତେ ବିପଦଜନକ ତାହା ପରବର୍ତ୍ତୀ ସମୟରେ ଜାଣିଥାଉ। ତେଣୁ ପ୍ରଦୂଷଣଯୁକ୍ତ ବାଣ ଠାରୁ ଦୂରେଇ ବରଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦୀପାବଳି ଦିନ କିଛି ଅସହାୟ ଓ ଅନାଥ ବ୍ୟକ୍ତି ତଥା ପିଲାମାନଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗର ହାତବଢ଼ାଇବା ଆନ୍ତରିକ ଦୀପାବଳିର ତାତ୍ପର୍ଯ୍ୟର ଗୁରୁତ୍ୱ ବୃଦ୍ଧି କରିବ। ଜୀବନର ଅନେକ ସ୍ତର ରହିଛି । ତେଣୁ ସବୁ ସ୍ତରକୁ ଆଲୋକିତ କରିବା ଉଚିତ । ଜୀବନର ସବୁ ସ୍ତରରେ ଜ୍ଞାନ ପ୍ରକାଶର ଆବଶ୍ୟକତା ରହିଛି । ପ୍ରଜ୍ୱଳିତ ଦୀପ ହେଉଛି ସଦ୍‌ଗୁଣର ପ୍ରତୀକ । ପ୍ରତ୍ୟେକ ମଣିଷର ସଦ୍‌ଗୁଣ ରହିଛି । କେତେକଙ୍କ ମଧ୍ୟରେ ଧୈର୍ଯ୍ୟ ଅଛି, କେତେକଙ୍କ ମଧ୍ୟରେ ପ୍ରେମ, ଆଉ କେତେକଙ୍କ ମଧ୍ୟରେ ଅଛି ସଂଗଠନ କ୍ଷମତା । ଏସବୁ ହେଉଛି 'ଦୀପ' ସଦୃଶ । ଯେତେବେଳେ ବି ସେହି 'ଦୀପ'ପ୍ରଜ୍ୱଳିତ ହୋଇଯାଏ, ଜାଗୃତ ହୋଇଯାଏ, ସେତେବେଳେ ହିଁ ହୋଇଥାଏ ଦୀପାବଳି । ଦୀପ ପ୍ରଜ୍ୱଳନକୁ ନେଇ ବିଭିନ୍ନ ସ୍ଥାନରେ ବହୁ ପର୍ବ ପାଳନ କରାଯାଇଥାଏ । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା – 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ...



ଶରତ କୁମାର ସାହୁ

''ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ, ଦୁର୍ଗା କ୍ଷମା ଶିବା ଧାତ୍ରୀ ସ୍ୱାହା ସ୍ୱାହା ନମସ୍ତୁତେ ।'' ସର୍ବ ମଙ୍ଗଳମୟୀ ମହାମାୟା କାଳୀଙ୍କର ପୂଜା ଦେଶରେ ସର୍ବତ୍ର ପାଳିତ ହେଉଛି । ଦେବୀଙ୍କର ମୃଣ୍ମୟ ଜ୍ୱଳନ୍ତ ପ୍ରତିମୂର୍ତ୍ତି ଭୟ ବିହ୍ୱଳିତ କରିବା ସଙ୍ଗେ ସଙ୍ଗେ ଭକ୍ତିର ଭାବ ଜାଗ୍ରତ କରାଇଥାଏ । ସର୍ବଶକ୍ତିମୟୀ ବିଶ୍ୱଜନନୀଙ୍କର ଏପରି ଉଗ୍ରମୂର୍ତ୍ତି ଦେଖିଲେ ମନରେ ନାନା ପ୍ରଶ୍ନ ଉଠେ । ଦେବୀଙ୍କର ଏପରି ରୂପ ହେଲା କାହିଁକି ? ପୁରାଣରୁ ଜଣାପଡ଼େ ଯେ ମହିଷାସୁର ଓ ଅନ୍ୟାନ୍ୟ ଅସୁରମାନଙ୍କ ସହିତ ଯୁଦ୍ଧ କରି ଦେବୀ ବଡ଼ ମ୍ରିୟମାଣ ହୋଇପଡ଼ିଥିଲେ । ସର୍ବଶେଷରେ ଅସୁର ରକ୍ତରେ ବସୁନ୍ଧରାକୁ ପ୍ଲାବିତ କରି ଦେବୀଙ୍କ ମନରେ କ୍ରୋଧ ଜାତ ହୋଇ ବିଶ୍ୱ ସୃଷ୍ଟିର ଧ୍ୱଂସାର୍ଥେ ଉଗ୍ରରୂପ ଧରି ଅଗ୍ରସର ହୁଅନ୍ତେ ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ସମସ୍ତେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଶିବଙ୍କ ଛଡ଼ା ଅନ୍ୟ କେହି ଦେବୀଙ୍କୁ ଶାନ୍ତ କରି ପାରିବେ ନାହିଁ । ଦେବତାମାନଙ୍କ ଅନୁରୋଧରେ ଶିବ ଅଗ୍ରସର ହୋଇ ଦେବୀଙ୍କ ଅଜାଣତରେ ଶୋଇ ରହିଲେ । ଅକସ୍ମାତ ଦେବୀଙ୍କର ପାଦ ଶିବଙ୍କ ବକ୍ଷ ଦେଶରେ ପଡ଼ନ୍ତେ, ନିଜର ଭୁଲପାଇଁ ଅର୍ଦ୍ଧଜିହ୍ୱ ପ୍ରସାରଣ କରି ତଟସ୍ଥ ହୋଇରହିଲେ ଦେବୀ । ପୁରାଣ ବର୍ଣ୍ଣିତ ଏପରି ଉପାଖ୍ୟାନକୁ ଶିଳ୍ପୀମାନେ ପ୍ରତିମୂର୍ତ୍ତି ଗଠନରେ ଫୁଟାଇ ପାରିଛନ୍ତି । ଆଉ ମଧ୍ୟ ସ୍ଥାନେ ସ୍ଥାନେ ଶିଳ୍ପୀବୃନ୍ଦ ଦେବୀଙ୍କର ଭୟଙ୍କର କଙ୍କାଳମୟ ଶରୀର, ଶିରମାଳା ବିଭୂଷଣ, ରକ୍ତପାତ୍ର ଧାରଣ, ଶ୍ମଶାନର ଦୃଶ୍ୟ ପ୍ରଭୃତି ଚମତ୍କାର ଭାବରେ ପ୍ରଦର୍ଶିତ କରିପାରିଛନ୍ତି । ଦେବୀଙ୍କର ଏପରି ରୂପକୁ ଚାମୁଣ୍ଡା ଆଖ୍ୟା ଦିଆଯାଇଛି । ଚଣ୍ଡୀପୁରାଣରେ ବର୍ଣ୍ଣିତ ଅଛି ଯେ ମହିଷାସୁରର ସେନାପତି ରକ୍ତବୀଜ ସହିତ ଦୁର୍ଗାଙ୍କର ଯୁଦ୍ଧ ବେଳେ ଯୁଦ୍ଧକ୍ଷେତ୍ରରେ ଭୂମିରେ ରକ୍ତପାତ ମାତ୍ରକେ ସହସ୍ରାଧିକ ଅସୁର ସୈନ୍ୟଙ୍କ ଜନ୍ମ ଫଳରେ, ଦୁର୍ଗା କ୍ରୋଧାନ୍ୱିତା ହୋଇ କପାଳରୁ ଅନ୍ୟ ଏକ ଦେବୀ ଜାତ କଲେ ଯେ କି ରକ୍ତପାତ୍ର ଧରି ରକ୍ତବୀଜର ପତିତ ରକ୍ତ ଶୋଷଣ କରିବାକୁ ଲାଗିଲେ । ଦେବୀଙ୍କର ଏପରି ଉଗ୍ର ରୂପକୁ ଚାମୁଣ୍ଡା ବୋଲି କୁହାଯାଏ । ସପ୍ତଶତୀ ଚଣ୍ଡୀରେ ଦେବୀଙ୍କର ସ୍ତୋତ୍ରରେ ଉଲ୍ଲେଖ ଅଛି – ''ଦ୍ରଂଷ୍ଟା କରାଳ ବଦନେ ଶିରୋମାଳା ବିଭୁଷଣେ, ଚାମୁଣ୍ଡେ ମୁଣ୍ଡ ମଥନେ ନାରାୟଣୀ ନମସ୍ତୁତେ ।'' କାଳୀଙ୍କର ଏପରି ବିଭିନ୍ନ ରୂପାନ୍ତରିତ ପ୍ରତିମୂର୍ତ୍ତି ସମୂହର କେବେ ଉପାସନା ସେ ବିଷୟରେ ଯଥେଷ୍ଟ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଭାବ ଥିଲେ ମଧ୍ୟ, କଳାହାଣ୍ଡି ଜିଲ୍ଲାର ତେରସିଙ୍ଗ ଗ୍ରାମରୁ ମିଳିଥିବା ତମ୍ବାପଟାରୁ ଜଣାପଡ଼େ ଯେ ତୁଷ୍ଟକର ନାମକ ଜଣେ ରାଜା ଭଗବତୀ ସ୍ତମ୍ଭେଶ୍ୱରୀଙ୍କୁ ଇଷ୍ଟଦେବୀ ରୂପେ ଆରାଧନା କରୁଥିଲେ । ତମ୍ବାପଟାର ଅକ୍ଷର ଗୁଡ଼ିକ ପ୍ରାୟ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ଅନ୍ତର୍ଗତ । ତୁଷ୍ଟକର ସମ୍ଭବତଃ ସମୁଦ୍ରଗୁପ୍ତଙ୍କର ଏହ୍ଲାବାଦ ପ୍ରଶସ୍ତିରେ ଉଲ୍ଲେଖ ଥିବା ଓଡ଼ିଶାରେ ରାଜତ୍ୱ କରୁଥିବା ବ୍ୟାଘ୍ରରାଜଙ୍କ ପରିବାର ମଧ୍ୟରୁ ଜଣେ ହୋଇପାରନ୍ତି । ଦେବୀ ସ୍ତମ୍ଭେଶ୍ୱରୀ ବର୍ଣ୍ଣନା ପରବର୍ତ୍ତୀ ଯୁଗରେ ଭଞ୍ଜ, ଶୁଲ୍‌କି ଓ ତୁଙ୍ଗମାନଙ୍କର ଓଡ଼ିଶାରୁ ମିଳିଥିବା ତମ୍ବାପଟା ମାନଙ୍କରେ ଦେଖିବାକୁ ମିଳେ । ଢେଙ୍କାନାଳ ଜିଲ୍ଲାର ବାଲିସାହି ଗ୍ରାମ ନିକଟରେ ଲୋକ ଅଗୋଚରରେ ରହିଥିବା ଚାମୁଣ୍ଡା ବିଗ୍ରହ ଦୋଦାଳକ ମଣ୍ଡଳରେ ଶାସନ କରୁଥିବା ଶୁଳାକିମାନଙ୍କର ଇଷ୍ଟଦେବୀ ସ୍ତମ୍ଭେଶ୍ୱରୀ । ଭଞ୍ଜମାନଙ୍କର ତମ୍ବାପଟାରେ ଯେଉଁ ସ୍ତମ୍ଭେଶ୍ୱରୀଙ୍କ ବିଷୟ ବର୍ଣ୍ଣନା ଅଛି, ଉକ୍ତ ଦେବୀ ବୋଧହୁଏ ଭଞ୍ଜମାନଙ୍କ ଦ୍ୱାରା ନିର୍ମିତ ଖିଚିଙ୍ଗଠାରେ ପୂଜା ପାଉଥିବା ଚାମୁଣ୍ଡା ମୂର୍ତ୍ତି । ଶକ୍ତି ଉପାସନାର ପ୍ରଧାନ ପୀଠ ଯାଜପୁରଠାରେ ଅନେକଗୁଡ଼ିଏ ଚାମୁଣ୍ଡା ମୂର୍ତ୍ତି ବିକ୍ଷିପ୍ତଭାବରେ ପଡ଼ି ରହିଛି । ସେଥିରୁ ତ୍ରିଲୋଚନ ମନ୍ଦିରରେ ଥିବା ଅପୂଜା ଚାମୁଣ୍ଡା ମୂର୍ତ୍ତିଟି, ଓଡ଼ିଶାରେ ଶକ୍ତି ପୂଜାର ପ୍ରଚଳନ ବିଷୟରେ ସମ୍ୟକ ତଥ୍ୟ ଦର୍ଶାଏ । ମୂର୍ତ୍ତିର ନିମ୍ନଭାଗରେ ଗୋଟିଏ ଧାଡ଼ି ପ୍ରାଚୀନ ନାଗରୀ ଅକ୍ଷରରେ ''ରାଣୀ ବସ୍ତାଦେବୀଙ୍କର କୀର୍ତ୍ତି'' ବୋଲି ଉଲ୍ଲେଖ ଅଛି । ସମ୍ଭବତଃ ବସ୍ତାଦେବୀ ଭୌମବଂଶୀୟ ଜନୈକ ରାଜାଙ୍କର ରାଣୀଥିଲେ । ଉକ୍ତ ଅକ୍ଷରଗୁଡ଼ିକ ପ୍ରାୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଅନ୍ତର୍ଗତ । ଶକ୍ତି ଉପାସନା ପ୍ରାୟ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରୁ ଓଡ଼ିଶାରେ ଆରମ୍ଭ ହୋଇଥିଲେ ମଧ୍ୟ ତାନ୍ତ୍ରିକ ଭିତ୍ତିରେ ବିପୁଳ ପ୍ରସାର ଭୌମଯୁଗରେ ତାନ୍ତ୍ରିକ ପୂଜା ଏପରି ଆକାର ଧାରଣା କଲା ଯେ ଲୋକମାନେ ଧର୍ମ ନିର୍ବିଶେଷରେ ବିଭିନ୍ନ ଦେବ ଦେବୀଙ୍କୁ ତାନ୍ତ୍ରିକ ମତରେ ପୂଜା କରିବାକୁ ଲାଗିଲେ । ନର ମାଂସ ଭକ୍ଷଣ, ଶ୍ମଶାନରେ ପୂଜା କରିବା, ନିଜର ଶରୀରକୁ ପୂଜା ଭସ୍ମରେ ଭୂଷିତ କରିବା, ଦେବୀଙ୍କୁ ସନ୍ତୁଷ୍ଟ କରିବା, ନରବଳି ଦେବା ଏବଂ ଉଲଗ୍ନ ସ୍ତ୍ରୀକୁ ପୂଜା କ୍ଷେତ୍ରରେ ଉପସ୍ଥିତ କରି ତାନ୍ତ୍ରିକ ଯୋଗସାଧନା କରିବା ପ୍ରଭୃତି କାପାଳିକ ପୂଜା ପଦ୍ଧତିକୁ ଶ୍ରେୟସ୍କର ମନେକଲେ । ପରବର୍ତ୍ତୀ ସୋମବଂଶୀୟ ରାଜତ୍ୱରେ ମଧ୍ୟ ତାନ୍ତ୍ରିକ ପୂଜା ତିଷ୍ଠି ଥିଲା । ଗଙ୍ଗବଂଶୀୟ ରାଜାମାନଙ୍କର ତମ୍ବାପଟାରେ ଦେବୀ କାଳୀଙ୍କ ବିଷୟ ଉଲ୍ଲେଖ ଅଛି । ଅନନ୍ତ ବର୍ମନଙ୍କର ପଦଳି ଅଭିଲେଖରେ ''କଞ୍ଚିପୋଡ଼ି ଭଟ୍ଟାରିକାୟା'' ବୋଲି ଉଲ୍ଲେଖ ଅଛି । ବୋଧହୁଏ କଞ୍ଚିପୋଡ଼ି ଭଟ୍ଟାରିକା କାଳୀଙ୍କୁ ବୁଝାଏ । ଏତଦ୍ ବ୍ୟତୀତ ଲୋକ ମହାଦେବୀଙ୍କର ପଦଳି ଅନୁଶାସନରେ ''କ ୍ପୋଡ଼ି ଭଟ୍ଟାରିକାୟା ବଳି ନୈବିଦ୍ୟ ଚରୁ ନିମିତ୍ତାୟ...'' ସୁତରାଂ ଆଜି ଯେଉଁ କାଳୀପୂଜା ତାନ୍ତ୍ରିକ ଭିତ୍ତିରେ ପାଳିତ ହେଉଛି, ତାହା ଦେଶରେ ପ୍ରାୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ପ୍ରଚଳିତ ଥିଲା ।

ଉପକରଣ ହାଉସ,
ଚଣ୍ଡୀଖୋଲ, ଯାଜପୁର,
ଦୂରଭାଷ : ୯୪୩୭୦୫୧୫୪୩

# ସୁପର ଫୁଡର ପୁଷ୍ଟିଶସ୍ୟ : ଓଡ଼ିଶା ମିଲେଟ ମିଶନ



ବିପିନ ବିହାରୀ ରାଉତ

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି। ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ। ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି। ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ। ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି। ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି। ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।

*ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର,*
*ଦୂରଭାଷ : ୯୪୩୭୬୬୬୪୫୩*




# ଭ୍ରମଣ ସାହିତ୍ୟର ଜନକ: ରହୁଲ ସାଂକୃତ୍ୟାୟନ



ରହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର। ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇ ଥାଏ। ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ। ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇ ଥାଏ। ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ। ତିବ୍‌ବତ୍‌ଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ। ଏହାଛଡ଼ା ସେ ମଧ୍ୟ ଏସିଆ ମଧ୍ୟ ଭ୍ରମଣ କରିଥିଲେ। ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ। ସେହିସବୁ ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି। ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି। ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ। ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ। ସାଂକୃତୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତ୍ତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ।

# ବିଷ ବଳୟରେ ୯୦% ଭାରତୀୟ

## —ଅଧିକ ସଂକ୍ରମିତ ହେବେ ଶିଶୁ—

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

# ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସହରରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ଏକ ବୈଠକ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତ ମାନର ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ତ୍ରୁଟି ବିଚ୍ୟୁତି ରହୁଥିବା ହେତୁ ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଏକ ତିନିଜଣିଆ କମିଟି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବାସ୍ତବ ଚିତ୍ର ସାମ୍ନାକୁ ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷର ପରିଚୟ ପତ୍ର ପ୍ରଦାନ କରାଯିବା ସହ ଆସନ୍ତା ଏପ୍ରିଲ ୧୬ ତାରିଖରେ ସାଧାରଣ ସଭା କରାଯିବା ପାଇଁ ସ୍ଥିର ହୋଇଥିଲା। ସୁସ୍ଥ ସାମାଜିକ ଜୀବନଯାପନରେ ବ୍ରତୀ ଥିବା ଆଦର୍ଶ ପରିବାରକୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂପାଦକ ରାମଶଙ୍କର ସୂଚନା ଦେଇଥିଲେ। ନବନିର୍ବାଚିତ ପୌରାଧ୍ୟକ୍ଷା କନକଲତା ମହାନ୍ତି ତଥା ସମସ୍ତ ୱାର୍ଡର କାଉନସିଲରଙ୍କୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସହ-ସଂପାଦକ ବସନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, ନାରାୟଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାଶ



ବ୍ୟକ୍ତି ସମକାଳର। ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ। ସେହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାସ । ୨୦୧୩ ମସିହା ଏପ୍ରିଲ୍ ମାସ ୫ ତାରିଖରେ ତାଙ୍କର ଦେହାବସାନ ଘଟିଲା। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହୋଇଗଲା । ଶିକ୍ଷକ ମହାସଂଘ ପରିବାରର ସେ ଥିଲେ ଜ୍ୟେଷ୍ଠ, ମୁରବୀ ଓ ମହାସାରଥୀ । -ଯେଉଁ ଯୁଗ ଥିଲା ଦାବି ହାସଲ ପାଇଁ ବେସାଲିସ୍ ସଂଗ୍ରାମର ତଥା ନିର୍ବିବାଦୀୟ ନିଷ୍ଠାର ଓ ସଂଗଠନ ପ୍ରତି ଅବିଚଳିତ ଆନୁଗତ୍ୟର ଯୁଗ ।

ଏହି କ୍ରାନ୍ତିକାରୀ ଶିକ୍ଷକ ନେତା ୧୯୩୦ମସିହା ଏପ୍ରିଲ ମାସ ୩ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୁଣନିଧି ଦାଶ ଓ ମାତାଙ୍କ ନାମ ଥିଲା ମାଗୁଣି ଦେବୀ । ବାଲ୍ୟକାଳରୁ ଲେଖାଲେଖି ପ୍ରତି ତାଙ୍କର ଗଭୀର ଆସକ୍ତି ଥିଲା । ଥରେ ସେ କୌଣସି ଲେଖା ଲେଖି ବସିଲେ ତାହା ନସରିବା ପର୍ଯ୍ୟନ୍ତ ସେଠାରୁ ସେ ଉଠୁ ନଥିଲେ । ଏହି ଅଭ୍ୟାସ ଓ ପ୍ରଚେଷ୍ଟା ହିଁ ତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସ୍ୱନାମଧନ୍ୟ ଲେଖକ ହେବାରେ ସହାୟକ ହୋଇଥିଲା । ଯାହାର ଫଳ ସ୍ୱରୂପ ସେ ଅନେକ ଗୁଡିଏ ନାଟକ ରଚନା କରି ନିଜକୁ ଜଣେ ସଫଳ ନାଟ୍ୟକାର ରୂପେ ପ୍ରତିଷ୍ଠିତ କରିପାରିଥିଲେ ।

ଅର୍ଜୁନ ଚରଣ ଦାଶ ଏକାଧାରରେ ଥିଲେ ଜଣେ ସ୍ୱନାମଧନ୍ୟ ଶିକ୍ଷକ,ଉଚ୍ଚକୋଟୀର ବାଗ୍ମୀ,ଦକ୍ଷ ସଂଗଠକ ତଥା ରାଜ୍ୟର ଜଣେ ଅଦ୍ୱିତୀୟ ଶିକ୍ଷକନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡିନଥିଲେ । ଶିକ୍ଷକ ମାନଙ୍କର ଜୀବନ ଜୀବିକା ସମସ୍ୟାର ସମାଧାନ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାହା କାମରେ କରି ଦେଖାଉଥିଲେ,ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ ହେଉ,ଓଡିଶାରେ ଶିକ୍ଷାର ବିକାଶ ହେଉ ଏହାହିଁ ଥିଲା ତାଙ୍କର ଅନବରତ ଚିନ୍ତା । ଏଥିପାଇଁ ସେ ନିଜ ଜୀବନକୁ ଶିକ୍ଷକ ସମାଜର ଉନ୍ନତି ନିମନ୍ତେ ଉତ୍ସର୍ଗ କରିଥିଲେ ।

ସଂଗଠନ କ୍ଷେତ୍ରରେ ଅର୍ଜୁନ ଚରଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତିର୍ତ୍ତୋଲ ବ୍ଲକର ସଂମ୍ପାଦକ,ଜିଲ୍ଲା ସଂମ୍ପାଦକ ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ଆଉ ତା'ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକସଂଘ ଉପ-ସଭାପତି ଓ ୧୯୯୦ ରୁ ୧୯୯୮ପର୍ଯ୍ୟନ୍ତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ କାର୍ଯ୍ୟକରି ସେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷକ ସଂଗଠନକୁ ଶକ୍ତିଶାଳୀ କରିବା ସହ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଅନୁଦାନ ଓ ଚାକିରୀ ସର୍ତ୍ତାବଳୀ ପ୍ରମୁଖ ସମସ୍ୟା ସମାଧନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ଶିକ୍ଷକ ଗୌରବ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ସ୍ୱର୍ଗତ କୈଳାସ ମହାପାତ୍ର, ପ୍ରଫେସର ଅବନୀ ବରାଳ, ପ୍ରଫେସର ଭଗବାନ ଜେନା ଓ ଆହୁରି ଅନେକ ଶିକ୍ଷକ ନେତାଙ୍କ ସହ ସାମିଲ ହୋଇ ଶିକ୍ଷକମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ପ୍ରତ୍ୟକ୍ଷ ଅନୁଦାନ ସୁବିଧା, ପେନ୍‌ସନ୍ ପ୍ରଦାନ,ଅଧ୍ୟାପକ ମାନଙ୍କୁ ୟୁ.ଜି.ସି ବେତନ ପ୍ରଦାନ ଆଦି ସୁବିଧା-ସୁଯୋଗ ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଏକଥା ଯେ କେହି ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଜଣେ ସଫଳ,ଦକ୍ଷ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅର୍ଜୁନ ଦାଶଙ୍କର ନିଆରା ପରିଚୟ ଥିଲା । ପ୍ରଥମେ ଭୁବନେଶ୍ୱର ଚନ୍ଦକା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସେ । ପରେ କସର୍ଦ୍ଦାର କୁଳଶ୍ରୀ ମାଇନର ସ୍କୁଲ ଏବଂ ତାପରେ ନିଜ ଗାଁ ଗୋପାଳପୁରରେ ଥିବା ବଟମଙ୍ଗଳା ବିଦ୍ୟାପୀଠର ମଙ୍ଗଧରି ୧୯୮୮ରେ ଅବସର ନେବା ପର୍ଯ୍ୟନ୍ତ ଜଣେ କୃତୀ ଶିକ୍ଷକ ଭାବେ ସେ ଯେଉଁ ଛାପ ଛାଡିଯାଇଛନ୍ତି ତାହା ଏବେବି ଅନେକଙ୍କ ପାଇଁ ଉଦାହରଣ ହୋଇ ରହିବ । ବାସ୍ତବରେ ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । କୁନି କୁନି ପିଲାମାନଙ୍କୁ କୋଳେଇ ନେଇ,ତାଙ୍କ ମନକୁ ମନେଇ, ପାଠ ପଢେଇବାର ଭିନ୍ନ ଭିନ୍ନ କୌଶଳ ଆପଣେଇବାରେ ସେ ବେଶ୍ ସିଦ୍ଧହସ୍ତ ଥିଲେ । ତାଙ୍କ ହାତଗଢା ଅନେକ ବିଦ୍ୟାର୍ଥୀ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରିପାରିଛନ୍ତି ଏକଥା ସର୍ବଜନବିଦିତ । ଏଥି ସହିତ ଏ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନକୁ ଭୁଲି ହେବନାହିଁ । ଏବେବି ସଅଁରା ହାଇସ୍କୁଲ,ବଟମଙ୍ଗଳା ହାଇସ୍କୁଲ ମୁକସାକ୍ଷୀ ରୂପେ ତାଙ୍କର ଗୁଣଗାନ କରି ଦଣ୍ଡାୟମାନ ।

ଜଣେ ସୁବକ୍ତା ଭାବରେ ସମଗ୍ର ରାଜ୍ୟରେ ବେଶ୍ ଜଣାଶୁଣା ଥିଲେ ଅର୍ଜୁନ ଦାଶ। ଅନ୍ୟ ବକ୍ତାମାନଙ୍କ ପରି ସେ ଆଳଙ୍କରିକ ଶବ୍ଦ ସମୂହ ବ୍ୟବହାର କରୁନଥିଲେ। ଖୁବ ଛୋଟ ଛୋଟ ଶବ୍ଦ, ଗାଉଁଲି ଲୋକକଥା, ନିତି ଦିନିଆ ଘଟଣା ଓ ଅନୁଭୂତିକୁ ନେଇ ସେ ଯେଉଁ ବକ୍ତବ୍ୟ ରଖୁଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁପାରୁଥିଲା। "ସବୁ ସେହି ଗାତର ଦୋଷ", ସଭାରେ ସଭାପତି କିଏ? ବା-ପା ପ୍ରସଙ୍ଗ ତାଙ୍କ ଭାଷଣରେ ଯେତିକି ରୋଚକ ହୋଇଥାଏ, ଶିକ୍ଷକ ଅଧ୍ୟାପକ ମାନଙ୍କୁ ଆନ୍ଦୋଳନ ପାଇଁ ସେତିକି ପ୍ରେରଣା ଦେଇଥାଏ। ଖାଲି ସେତିକି ନୁହେଁ, ତାଙ୍କ କଟାକ୍ଷ ଓ ଶାଣିତ ଭାଷଣରେ ସରକାରୀ ଦଳ ଓ କଳକୁ ସମାଲୋଚନା କରିବାରେ ସେ ଧୂରୀଣ ଥିଲେ। ବହୁ ରକ୍ତକ୍ଷୟୀ ଶିକ୍ଷକ ଆନ୍ଦୋଳନର ସେ ଥିଲେ ପ୍ରତ୍ୟକ୍ଷଦର୍ଶୀ ମହାନାୟକ। କୌଣସି ପରିସ୍ଥିତିରେ ସେ ସରକାରୀ ଚାପ ଆଗରେ ମୁଣ୍ଡ ନୁଆଉଁନଥିଲେ। ଏହାହିଁ ଥିଲା ଏହି ଦୃଢମନା ଶିକ୍ଷକ ନେତାଙ୍କର ବିଶେଷତ୍ୱ। ଆଜିର ଦୁନିଆରେ ଅର୍ଜୁନ ଦାଶଙ୍କପରି ଶିକ୍ଷକ ନେତା ବିରଳ। ଏବେ ନେତା ଅଛନ୍ତି, କିନ୍ତୁ ସେଭଳି ନେତୃତ୍ୱ ନାହିଁ । ବର୍ତ୍ତମାନର ଶିକ୍ଷକ ନେତା ଓ ଶିକ୍ଷକ ସମାଜ ଏ କଥାକୁ ହୃଦୟଙ୍ଗମ କରିପାରିଲେ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଯିବ ଏଥିରେ ସନ୍ଦେହ ନାହିଁ।

# ଶ୍ରୀରାମ ମନ୍ଦିରରେ ଉତ୍କଳ ଦିବସ ପାଳନ ଓ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ଶ୍ରୀରାମ ନଗରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଶ୍ରୀରାମ ମନ୍ଦିର ଉନ୍ନତି ମିଳିତ ଭାବେ ୧୩୦ରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଓ କାଉନସିଲର ସୌର୍ଯ୍ୟ ରଂଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ ଯୋଗଗୁରୁ ସୀତାକାନ୍ତ ପଣ୍ଡା, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମହାରଣା ଓ ଆଡ଼ଭୋକେଟ ବ୍ରଜ କିଶୋର ସାହୁ ଯୋଗ ଦେଇ ପ୍ରାଚୀନ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ନାୟକ, ପ୍ରଫେସର ପରେଶ ଚନ୍ଦ୍ର ପଟ୍ଟନାୟକ, ଗୋଲକ ବିହାରୀ ଜେନା, ସନ୍ତୋଷ ରାଉତ, ସର୍ବେଶ୍ୱର ଦାସ, କନକମଂଜରୀ ପଟ୍ଟନାୟକ, ବିଜୟ କୁମାର ବେହେରା, ଆଶାଲତା ବଳିଆରସିଂହ, କନକ ଜେନା, ଦୁର୍ଗାବତୀ କହଲସିଂହ, ଉର୍ମିଳା ବେହେରା ଓ ସ୍ୱପ୍ନା ପଟ୍ଟନାୟକ ବକ୍ତବ୍ୟ ଦେଇଥିଲେ। ଜ୍ୟୋତି ରଂଜନ ସାହୁ, ସୁଜାତା ପଟ୍ଟନାୟକ ଓ ରଶ୍ମୀରେଖା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟଗୁରୁ ହେମନ୍ତ ବେହେରା, ଗତିକୃଷ୍ଣ ଜେନା ଓ ଚିନ୍ମୟୀ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

# ଖୋରଧା ପୌର ପରିଷଦ ସଭା ଗୃହର ମର୍ଯ୍ୟାଦା ହାନି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

ଖୋର୍ଦ୍ଧା (ପିଏନ୍)- ଖୋରଧା ପୌରପରିଷଦକୁ ନବ ନିର୍ବାଚିତ ହୋଇ ଆସିଥିବା ଅଧ୍ୟକ୍ଷା ଓ କାଉନସିଲମାନଙ୍କୁ ନିର୍ବାଚିତ ପ୍ରମାଣ ପତ୍ର ପ୍ରଦାନ କରିବା ନିମନ୍ତେ ପୌର ପରିଷଦ ତରଫରୁ ଡ଼କା ଯାଇଥିଲା। ଖୋରଧା ଉପଜିଲ୍ଲାପାଳ ତଥା ପୌର ପରିଷଦର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପ୍ରଦାନ କରାଯିବା ପରେ ଉକ୍ତ ସଭା ଗୃହରେ ପୌରାଧ୍ୟକ୍ଷଙ୍କ ପାଖରେ ବିଜୁ ଜନତା ଦଳର ଦୁଇଜଣ ମହିଳା କର୍ମୀ ବସି ନବ ନିର୍ବାଚିତ କାଉନସିଲରମାନଙ୍କ ଉଦେଶ୍ୟରେ କହିଥିଲେ ଯେ, ବିଜେପି ଓ ସ୍ୱାଧୀନ କାଉନସିଲରମାନେ ପୌରାଧ୍ୟକ୍ଷଙ୍କ କୌଣସି କାର୍ଯ୍ୟକୁ ବିରୋଧ ନ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ବିରୋଧ କଲେ ସେମାନଙ୍କ ୱାର୍ଡ଼ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯିବ ନାହିଁ। ଏହି ଘଟଣାଟିକୁ ଖୋରଧା ବିଜେପି ତରଫରୁ ତୃଢ ପ୍ରତିବାଦ ଜଣାଇବା ସହିତ କେଉଁ ପରିସ୍ଥିତିରେ ବିଜୁ ଜନତା ଦଳର ମହିଳା ନେତ୍ରୀ ଓ କର୍ମୀମାନଙ୍କୁ ପୌର ପରିଷଦର ସଭା ଗୃହରେ ବସି ଭାଷଣ ଦେବା ଓ ରାଜନୈତିକ ବୈଠକ କରିବାକୁ ସୁଯୋଗ ଦିଆଯାଇ ସଭା ଗୃହରେ ପବିତ୍ରତା ଓ ମର୍ଯ୍ୟାଦା ହାନି କରାଗଲା। ପୌର ପରିଷଦର ନିର୍ବାହୀ ଅଧିକାରୀ କାହିଁକି ଏହି ସବୁ କାର୍ଯ୍ୟକୁ ବାରଣ କଲେ ନାହିଁ। ଏ ସମ୍ପର୍କରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋରଧା ଜିଲ୍ଲା ବିଜେପି ସଭାପତି ରଶ୍ମୀ ରଂଜନ ମହାପାତ୍ର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ନିକୁଞ୍ଜ ପଟ୍ଟନାୟକ, କୁନିଲତା ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋରଧା ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି।

# ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ସାହିତ୍ୟ ପ୍ରଶ୍ନ ପତ୍ରରେ ଅନୁଚ୍ଛେଦ

ଭୁବନେଶ୍ୱର,(ପି.ଏନ: ଆଦର୍ଶ ବିଦ୍ୟାଳୟ ର ଷଷ୍ଠ ଶ୍ରେଣୀର ସାହିତ୍ୟ ପ୍ରଶ୍ନ ପତ୍ର ରେ ଏକ ଅନୁଚ୍ଛେଦ ସହ କିଛି ପ୍ରଶ୍ନ ପରୀକ୍ଷାର୍ଥୀ ମାନଙ୍କୁ ଦିଆଯାଇ ତାର ଉତ୍ତର ଦେବାକୁ କୁହାଯାଇଛି. ସେହି ଅନୁଚ୍ଛେଦ ରେ ଉଲ୍ଲେଖ ଅଛି ରାମରାଜ୍ୟ ଏକ କଳ୍ପନା ଏହା କେବେ ନଥିଲା ଅର୍ଥାତ ଭଗବାନ ରାମ କେବେ ନଥିଲେ କି ରାମରାଜ୍ୟ କିଛି ନଥିଲା ସବୁ କଳ୍ପନା ପ୍ରସୁତ ଭାରତରେ ଏକସହ କୋଟି ହିନ୍ଦୁ ରାମ ଙ୍କୁ ଭଗବାନ ବୋଲି ପୂଜା କରନ୍ତି ଓ ରାମ ହିଁ ହିନ୍ଦୁ ମାନଙ୍କ ଆରାଧ୍ୟ ଦେବତା. ପ୍ରଶ୍ନ ପ୍ରସ୍ତୁତ କର୍ତ୍ତା ଶହେ କୋଟି ହିନ୍ଦୁ ମାନଙ୍କ ଧାର୍ମିକ ଭାବନା, ଅସ୍ଥା ଓ ବିଶ୍ୱାସ ଉପରେ କୁଠାରଘାତ କରିଛି ସରକାର ତୁରନ୍ତ ପ୍ରଶ୍ନ ପ୍ରସ୍ତୁତ କର୍ତ୍ତା ବିରୋଧରେ ଦୃଢ଼ କାର୍ଯନୁଷ୍ଠାନ ଗ୍ରହଣ କରିବାକୁ ହିନ୍ଦୁ ଏକତା ମଞ୍ଚ ଓଡିଶା ର ସଂଯୋଜକ ପ୍ରଦୀପ୍ତ କୁ ଜେନା ଦାବି କରିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road, Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Praggyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com




# ପୁଲିସର ଆକ୍ରୋଶ ମୂଳକ ଗିର' ପ୍ରତିବାଦରେ ଆରକ୍ଷୀ ଅଧିକ୍ଷକଙ୍କୁ ନ୍ୟାୟ ଭିକ୍ଷା

କୋରେଇ, (ପି.ଏନ):ମିଥ୍ୟା ଅଭିଯୋଗରେ ପୁଲିସ ଗିର' କରିବାର ପ୍ରତିବାଦ କରି ନ୍ୟାୟ ଭିକ୍ଷା ପାଇଁ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆରକ୍ଷ! ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ଶଙ୍କର । ଆଜ୍ଞା ଆମେ ଗରୀବ ଲୋକ ବୋଲି ଆମକୁ କଣ ନ୍ୟାୟ ମିଳିବ ନାହିଁ। ମୋର କୌଣସି ଦୋଷ ନଥାଇ ମଧ୍ୟ ପୁଲିସ ମୋତେ ଗିର' କରି ଜେଲରେ ପୁରାଇଲା। ଯଦି ଏସପି ମୋତେ ନ୍ୟାୟ ପ୍ରଦାନ ନକରିବେ ତେବେ ଆମେ ସପରିବାରେ ଆତ୍ମହତ୍ୟା କରିଦେବୁ ପଛେ ଆଉ ଏ ସ୍ଥାନକୁ ଆସିବୁ ନାହିଁ। ଏଭଳି କାନ୍ଦି କାନ୍ଦି ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି ଯାଜପୁର ଜିଲ୍ଲା ଯଖପୁରା ଥାନା ଅନ୍ତର୍ଗତ ଦଳିତ ଯୁବକ କେଶବ ମଲ୍ଲିକଙ୍କ ପୁଅ ଶଙ୍କର ମଲ୍ଲିକ। ପ୍ରକାଶଯେ ଯଖପୁରା ମୌଜାରେ ନିର୍ମାଣଧିନ ଜଟିଆ ଷ୍ଟିଲ ପ୍ଲାଂଟ ନିମନ୍ତେ ଅଧିଗ୍ରହଣ ହୋଇଥିବା ସରକାରୀ ଜମିରେ ଶଙ୍କରଙ୍କ ପୂର୍ବପୁରୁଷ ମାନେ କୋଳଥ, ମାଣ୍ଡିଆ, ବାଜରା, ହରଡ଼ ଆଦି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଉକ୍ତ ପ୍ଲାଂଟର ନିର୍ମାଣ ନିମନ୍ତେ ଉକ୍ତ ଜମିକୁ ଅଧିଗ୍ରହଣ ପରେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଶଙ୍କର ଓ ତାଙ୍କର ସହଯୋଗୀ ମାନେ ଉକ୍ତ ପ୍ଲାଂଟରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନଚେତ ପ୍ଲାଂଟରେ ଠିକା କାର୍ଯ୍ୟ ଦେବା ଲାଗି ଦାବି କରି ଆସୁଥିଲେ। ମାତ୍ର ଯଖପୁରା ଗ୍ରାମର ଜୈନେକ ପ୍ରଭାବଶାଳୀ ବ୍ୟକ୍ତି ସମସ୍ତ ଠିକା କାର୍ଯ୍ୟକୁ ଏକା ହାତେଇବାକୁ ଚାହୁଁଥିଲେ। ଏ ନେଇ ଗଣ୍ଡଗୋଳ, ମାରପିଟ ଓ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ତେବେ ସୁକିନ୍ଦା ବିଧାୟକ ତଥା ମାନ୍ୟବର ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରିତିରଞ୍ଜନ ଘଡ଼ାଇ ଉଭୟ ପକ୍ଷଙ୍କ ସମେତ ସ୍ଥାନୀୟ ସରପଂଚଙ୍କୁ ଡ଼ାକି ସମାଧାନ ମଧ୍ୟ କରିଥିଲେ। ପରେ ସମସ୍ତ ପକ୍ଷ ନିଜ ନିଜର ଠିକା କାର୍ଯ୍ୟ ଚାଲୁ ରଖିଥିଲେ। ପରେ ଉକ୍ତ ଠିକାଦାର ଜଣକ ଶଙ୍କର ଓ ତାଙ୍କ ସହଯୋଗୀ ମାନଙ୍କ ଉପରେ ଆକ୍ରୋଶ ରଖି ଠିକାଦାରଙ୍କ କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁରର ଜୈନେକ ବନ୍ଧୁଙ୍କ ସହାୟତାରେ ଶଙ୍କରଙ୍କ ସମେତ ଶରତ ମଳିକଙ୍କ ପୁଅ ପପୁ ମଳିକ, ଦୀପୁ ମଳିକ ଓ ମାଗୁଣୀ ମଳିକଙ୍କ ପୁଅ ନିରଂଜନଙ୍କ ନାମରେ ବାଟରେ ଅଟକାଇ ୧୫ ଲକ୍ଷ ଟଙ୍କା ମାଗୁଛନ୍ତି ଓ ଜୀବନରୁ ମାରି ଦେବା ଲାଗି ଧମକ ଦେଉଛନ୍ତି ବୋଲି ଯଖପୁରା ଥାନାରେ ଗତ ମାସ ୨୬ ତାରିଖ ଦିନ ଏକ ମିଥ୍ୟା ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ କେଶ ନମ୍ବର ୧୨୦/୨୩ ରଜୁ କରି ସମସ୍ତ ବ୍ୟକ୍ତିଙ୍କୁ ଗିର' କରିଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଶଙ୍କର ଓ ତାଙ୍କ ସହଯୋଗୀ ଉକ୍ତ ଅଭିଯୋଗକାରୀଙ୍କୁ ଜାଣି ନଥିବା ବେଳେ ପୁଲିସ କୌଣସି ଅନୁସନ୍ଧାନ ନକରି ପରଦିନ ରାତିରେ ସମସ୍ତଙ୍କୁ ଘରୁ ଉଠାଇ ଆଣିଥିଲା। ଏ ନେଇ ଗ୍ରାମରେ ଖବର ପ୍ରସାରିତ ହେବା ପରେ ଗ୍ରାମର ମହିଳା ମାନେ ଥାନାରେ ପହଂଚିବା ପରେ ପୁଲିସ ଶଙ୍କରଙ୍କ ସମେତ ସମସ୍ତ ସହଯୋଗୀ ମାନଙ୍କୁ ଦାନଗଦୀ 'ଣ୍ଡିକୁ ସ୍ଥାନାନ୍ତରିତ କରିବା ପରେ କୋର୍ଟ ଚାଲାଣ କରିଥିଲା। ତେବେ ସୋମବାର ଦିନ ସମସ୍ତେ କୋର୍ଟରୁ ଜାମିନରେ ଆସିବା ପରେ ଶଙ୍କର ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଉକ୍ତ ଘଟଣାର ସଠିକ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ଦାବି କରିଛନ୍ତି । ତେବେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଉକ୍ତ ଘଟଣାକୁ ଗୁରୁତର ଭାବେ ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସଠିକ ତଦନ୍ତ କରି ରିପୋର୍ଟ ଦେବାକୁ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ପୀରହାଟରେ ସାର୍ବଜନୀନ ଶ୍ୟାମା ପୂଜା ପାଇଁ ପ୍ରସ୍ତୁତି

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ ପୁରୁଣାବଜାରରେ ଶ୍ୟାମା ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ୧୯୪୯ ମସିହାରେ ଏକ ଚାଳ ଛପର ଘରେ ଏଠାରେ ପୂଜା ଆରମ୍ଭ ହୋଇଥିଲା। ସେ ସମୟରେ ସ୍ୱର୍ଗତ ପରମାନନ୍ଦ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ସାହୁ, ବୈଷ୍ଣବାନନ୍ଦ ମହାନ୍ତି, ନୀଳମଣି ମହାନ୍ତି, ଶରତ ମହାନ୍ତି, କାମଦେବ ପାଣିଗ୍ରାହୀ, ଅର୍ପ ଚରଣ କର, ଅଗଣି କରଙ୍କ ଉଦ୍ୟମରେ ଏହି ଶ୍ୟାମା ପୂଜା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ପୂଜାକୁ ଆଗକୁ ବଢ଼ାଇବା ପାଇଁ ଶ୍ୟାମା ପୂଜା କମିଟିର ସ୍ୱର୍ଗତ ରାମଚନ୍ଦ୍ର ପାଢ଼ୀ, ଦୁର୍ଗା ଚରଣ ବାରିକ, ଭାଗବତ ପ୍ରସାଦ କର, ଶୁକଦେବ ବାରିକ, କାଳନ୍ଦୀ ଚରଣ ଦାସ, ଭକ୍ତହରି ସାହୁ, ପୟୋଧର ପାଢ଼ୀ, ମୂରଲୀଧର ବାରିକ, ପ୍ରଭାକର ମହାନ୍ତି, ଗୟାଧର ପରିଡ଼ା, ପ୍ରହଲ୍ଲାଦ ବେହେରା ପ୍ରମୁଖ ଉଦ୍ୟମ କରି ମନ୍ଦିର ନିର୍ମାଣ କରିଥିଲେ। ଚଳିତ ବର୍ଷ ମୂର୍ତ୍ତି କାରିଗର ଭାବେ ବଉଳପାଳ ଗ୍ରାମର ଯଦୁନାଥ ସାହୁ ଓ ସହଯୋଗୀ ତାପସ ସାହୁ, ଦିନେଶ ସାହୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ କରୁଛନ୍ତି।

## ଓଏସ୍ଏଲ୍ ଗ୍ରୁପ୍ ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ରଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ'

ଭୁବନେଶ୍ୱର : ଚତୁର୍ଥ ସମ୍ମାନଜନକ ଟାଇମ୍ସ ବିଜନେସ୍ ଆୱାର୍ଡ ଓଡିଶା-୨୦୨୩ ପ୍ରଦାନ ଅବସରରେ ଓଡିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ)ର ପ୍ରତିଷ୍ଠାତା ଶ୍ରୀ ମହିମାନନ୍ଦ (ମହିମା) ମିଶ୍ରଙ୍କୁ ପୂର୍ବ ଭାରତରେ ଜାହାଜ ଚଳାଚଳ ଓ ଲଜିଷ୍ଟିକ୍ କ୍ଷେତ୍ରକୁ ନୂଆ ରୂପ ଦେବା ପାଇଁ ସମ୍ମାନଜନକ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ୍ ଆୱାର୍ଡ' ପ୍ରଦାନ କରାଯାଇଛି ।ସ୍ଥାନୀୟ ମେଫେୟାର ହୋଟେଲର ସେଣ୍ଟ୍ରାଲ ହଲରେ ଟାଇମ୍ସ ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଓଏସ୍ଏଲ୍ ଗ୍ରୁପ୍ ପ୍ରତିଷ୍ଠାତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।ସୂଚନାଯୋଗ୍ୟ ଯେ ଏକ ପ୍ରସିଦ୍ଧ ଗବେଷଣା ସଂସ୍ଥାର ନିଷ୍ପତ୍ତି ଆଧାରରେ ନିଜସ୍ୱ କ୍ଷେତ୍ର ଓ ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟବସାୟିକ ସଂସ୍ଥା ଓ ପ୍ରତିଷ୍ଠିତ ବ୍ୟବସାୟିକ ମୁଖ୍ୟଙ୍କୁ ସମ୍ମାନିତ କରିବା ପାଇଁ ଟାଇମ୍ସ ଗ୍ରୁପ୍ ଏଭଳି ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରିଥାଏ ।

## କେନ୍ଦୁଝର :ନଭେମ୍ବର ୯ ଓ ୧୦ ତାରିଖରେ ମାଣ୍ଡିଆ ଦିବସରେ ମାଣ୍ଡିଆକୁ ଅଧିକ ଲୋକପ୍ରିୟ କରାଇବା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

କେନ୍ଦୁଝର, (ପି.ଏନ): ମାଣ୍ଡିଆ ଜାତୀୟ ଖାଦ୍ୟ ଅତ୍ୟନ୍ତ ପୁଷ୍ଟିକର ହୋଇଥିବାରୁ ଏହାକୁ ଅଧିକ ଲୋକପ୍ରିୟ କରାଇବା ଉପରେ ଜିଲ୍ଲାପାଳ ଆଶିଷ ଠାକରେ ଗୁରୁତ୍ୱାରୋପ କରିଛନ୍ତି । ଚଳିତ ନଭେମ୍ବର ୯ ଓ ୧୦ ତାରିଖ ଦିନ କେନ୍ଦୁଝର ଜିଲ୍ଲାରେ ମାଣ୍ଡିଆ ଦିବସ ପାଳନ ପରିପ୍ରେକ୍ଷୀରେ ୭ତାରିଖ ମଙ୍ଗଳବାର ଅପରାହ୍ନରେ ଦରବାର ହଲ୍ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ ମାଣ୍ଡିଆ ଜାତୀୟ ଖାଦ୍ୟର ଉପକାରିତା ସଂପର୍କରେ ଆଲୋକପାତ କରି ଏହାର ବହୁଳ ଉପଯୋଗ ପାଇଁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ ମିଳିତ ଜାତିସଂଘ ୨୦୨୩ମସିହାକୁ ଆନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ଘୋଷଣା କରିଛନ୍ତି। ନଭେମ୍ବର ୧୦ତାରିଖକୁ ମିଲେଟ୍ ଦିବସ (ମାଣ୍ଡିଆ ଦିବସ) ଭାବରେ ପାଳନ କରାଯାଉଛି । ତଦନୁଯାୟୀ କେନ୍ଦୁଝର ଜିଲ୍ଲାରେ ଡି.ଏମ୍.ଏଫ୍. ସହଯୋଗରେ ନମ୍ବେର ୯ ଓ ୧୦ତାରିଖରେ ଧରଣୀଧର ବିଶ୍ୱ ବିଦ୍ୟାଳୟ ପଡିଆରେ ଦୁଇଦିନିଆଁ ମାଣ୍ଡିଆ ଦିବସ ପାଳନ ଆୟୋଜନ କରାଯାଇଛି । ୧୦ତାରିଖ ଦିନ ମୁଖ୍ୟ ଅତିଥି ଭାବେ ଓଡିଶାର କ୍ରୀଡା ଓ ଯୁବସେବା,ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା,ସମ୍ମାନନୀୟ ଅତିଥି ଭାବେ ଏବଂ ଜିଲ୍ଲାର ସାଂସଦ ଓ ବିଧାୟକଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଗଡ଼ିଲା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସଚେତନତା ରଥ

ଭଦ୍ରକ, (ପି.ଏନ): ଚୂଡ଼ାନ୍ତ ଓ ସୁସ୍ଥ ଭୋଟର ତାଲିକା ପ୍ରକାଶନ ପାଇଁ ଅକ୍ଟୋବର ୨୭ ରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ଆରମ୍ଭ କରାଯାଇଛି । ଡ଼ିସେମ୍ବର ୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରକ୍ରିୟା ସମ୍ବନ୍ଧରେ ଜନ ସଚେତନତା ବିଶେଷ କରି ୧୭ ରୁ ୧୮ ବର୍ଷ ବୟସର ଯୁବ ବର୍ଗଙ୍କୁ ନୂତନ ଭୋଟର ଭାବେ ନାମ ପଞ୍ଜିକରଣ ପାଇଁ ସଚେତନ କରାଯିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତ ଏକ ସଚେତନତା ରଥର ପରିକ୍ରମା ପାଇଁ ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ପତାକା ପ୍ରଦର୍ଶନ କରି ଉଦ୍‌ଘାଟନ କରିଥିଲେ । ଭଦ୍ରକ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଆ,ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ର୍କ୍ତିକ ନାଥ ମଣ୍ଡଳ, ଡ଼େପୁଟି କଲେକ୍ଟର ନିର୍ବାଚନ, ସାଗରିକା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉକ୍ତ ବିଭାଗୀୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ନୂଆ ଭୋଟର ନାମ ପଞ୍ଜୀକରଣ ପାଇଁ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ବ୍ୟବସ୍ଥା, ନଭେମ୍ବର ୫,୧୧,୧୯,୨୫ରେ ହେଉଥିବା ସ୍ୱତନ୍ତ୍ର ଅଭିଯାନ ଦିବସ ଏବଂ ଉକ୍ତ ଦିବସରେ ସମସ୍ତ ବୁଥ ଖୋଲା ରହିବା ଆଦି ସମସ୍ତ ସୁବିଧା ସୁଯୋଗ ସମ୍ବନ୍ଧରେ ରଥ ଜରିଆରେ ର୍ବାତ୍ତା ପ୍ରଦାନ କରାଯାଉଛି । ନୂଆ ଭୋଟର ନାମ ପଞ୍ଜିକରଣ ଓ ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରଚାର ପତ୍ର ବ ନ, ଡ଼ାକବାଜି ଯନ୍ତ୍ର ଦ୍ୱାରା ସଂଗୀତ ପରିବେଷଣ ଓ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ଜାରି ବିଭିନ୍ନ ର୍ବାତ୍ତା ମଧ୍ୟ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ରଥ ଜରିଆରେ ପ୍ରଚାର କରାଯାଉଛି । ଜିଲ୍ଲାର ସମସ୍ତ ବ୍ଲକ ଓ ପୌରା ଳରେ ଏହି ରଥ ପରିକ୍ରମା କରିବା ପାଇଁ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି ।

## ବଂଶୀ ବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ

ଭଦ୍ରକ, (ପି.ଏନ): ଗରଦପୁର ଭଦ୍ରକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ବଂଶୀ ବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ' ତା'ର ଦୁଇଦିନିଆ ୫୩ତମ ବାର୍ଷିକ ଉତ୍ସବ ପାଳନ କରିଛି। ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି କବି ବିଜୟ ବହଲୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କାଉନ୍‌ସିଲର ସେକ୍ ଗରିବୁଲ୍ଲା, ସେକ୍ ଜୁଲ୍‌ଫୁକାର ଅଲୀ, ତାହେର ମହମ୍ମଦ, ସେକ୍ ନାସିର, ସେକ୍ ସହିଦ୍, ସେକ୍ କାଲା, ଅଶୋକ ମହାପାତ୍ର ଓ ନାଟ୍ୟନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ ଅନୁଷ୍ଠାନର ଉ ରୋ ର ଉନ୍ନତି କାମନା କରିଥିଲେ ଏବଂ ଲୋକନାଟ୍ୟ 'ମୋଗଲ ତାମ୍‌ସା' କିପରି ଭଦ୍ରକର ଗୌରବ ସାଜିଛି ସେ ବିଷୟରେ ଆଲୋକପାତ କରିଥିଲେ। ସଭାରେ ଶିକ୍ଷୟିତ୍ରୀ ମନୋରମା ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଅନୁଷ୍ଠାନର ସମ୍ପାଦକ ପ୍ରଦୋ ନ ସୁଆର ସମ୍ପାଦକୀୟ ବିବରଣୀ ପ୍ରକାଶ କରିଥିଲେ।

## ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ ାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି, ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ ଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସ ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପ ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା, ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ । ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି । ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ ଅଭିଯୋଗ କରିଛନ୍ତି । ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି । ଏଥିସହ ଏହି ଅ ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday November 10, 2023 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଭକ୍ତ ଓ ଭଗବାନ ଭିତରେ ବିଜେଡି ସରକାର ପାଚେରୀ : କଂଗ୍ରେସ



ପୁରୀ,(ପି.ଏନ):ଓଡିଶା ସରକାର ଓଡିଶା ଓ ଓଡିଶା ବାହାରେଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ବାରମ୍ବାର କୁଠାରଘାତ କରୁଛନ୍ତି । ଏଠାରେ ସ୍ମରଣ କରାଇଦିଆଯାଉଛି ଗତ ଅକ୍ଟୋବର ମାସ ୧୬ ତାରିଖ ରାଜ୍ୟ କଂଗ୍ରେସ ତରଫରୁ ଏକ ବିରାଟ ଜନଆନ୍ଦୋଳନ ଶରଧା ବାଲି ଠାରୁ ବାହାରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ୬ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା । ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୮ ତାରିଖ ସୁଦ୍ଧା ଏହି ଦାବି ସମୁହକୁ ଗ୍ରହଣ କରି ଶ୍ରୀମନ୍ଦିରର ଚାରି ଦ୍ୱାରକୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଖୋଲିବା, ରତ୍ନ ଭଣ୍ଡାରର ଗଣତି ଓ ମଣତି କାର୍ଯ୍ୟ ଆରମ୍ଭ କରିବା ସହିତ ବେଦାନ୍ତ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅମୃତମୋଣହୀ ଜମିକୁ ଏବଂ ଚାଷୀମାନଙ୍କ ଚାଷ ଜମିକୁ ଫେରାଇବା, ପୁରୀର ଭୂମିହୀନ ସେବାୟତଙ୍କୁ ଜମି ପ୍ରଦାନ ସହିତ ୮୦ ହଜାର ପୁରୀ ବାସିନ୍ଦାଙ୍କୁ ସ୍ଥାୟୀ ପଟା ପ୍ରଦାନ କରିବାପାଇଁ ମହଲତ ଦେଇଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ମଦାନ୍ଧ, ଅହଂକାରୀ ସରକାର କଂଗ୍ରେସର ଦାବିକୁ ଗ୍ରହଣ କଲା ନାହିଁ ।ପବିତ୍ର କାର୍ତିକ ମାସରେ ସାରା ଓଡିଶା ଏବଂ ଓଡିଶା ବାହାରୁ ଲକ୍ଷ ଲକ୍ଷ ହବିଷ୍ୟାଳି ଓ ଭକ୍ତମାନେ ଜଗନ୍ନାଥ ଦର୍ଶନ ପାଇଁ ପୁରୀକୁ ଆସୁଛନ୍ତି । ଦିନ ଦିନ ଧରି ଅପେକ୍ଷା କଲାପରେ ମଧ୍ୟ ଜଗନ୍ନାଥଙ୍କୁ ଦର୍ଶନ କରିପାରୁ ନାହାନ୍ତି । କ୍ଷୋଭ ଓ କୋହଭରା କଣ୍ଠରେ ସେମାନେ ଜଗନ୍ନାଥଙ୍କୁ ଦର୍ଶନ ନକରି ଫେରିଯାଉଛନ୍ତି । ଏହା ଓଡିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ଏକ ବଡ କୁଠାରଘାତ । ଏ ସରକାର କାହାର ସ୍ୱାର୍ଥ ପୂରଣ କରିବାପାଇଁ ଭକ୍ତ ଓ ଭଗବାନ ମଧ୍ୟରେ ଏକ ପାଚେରୀ ହୋଇ ଛିଡାହୋଇଛନ୍ତି । ପବିତ୍ର ଧର୍ମ ମାସରେ ଭକ୍ତମାନଙ୍କୁ ଶ୍ରୀ ମନ୍ଦିରକୁ ଅନାୟଶରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦାୟୀତ୍ୱ ନିର୍ବାହ କରିବା ପରିବର୍ତେ ? ଦ୍ୱାର ବନ୍ଦ କରି ରଖିବା ଏହା ଜଗନ୍ନାଥ ସଂସ୍କୃତି ବିରୋଧି । ରାଜ୍ୟ ସରକାର ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପକଳ୍ପକୁ ଆଜକୁ ପାଖାପାଖି ୩ ବର୍ଷ ରୁ ଅଧିକ ସମୟ ହେଲାଣି ମାତ୍ର ଏ ପର୍ଯ୍ୟନ୍ତ ସମୁଦାୟ ପ୍ରକଳ୍ପର ୧୦ ଭାଗ କାମ ମଧ ହୋଇନାହିଁ । ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ୯ ତାରିଖ ଗୁରୁବାର ଦିନ ଶ୍ରୀମନ୍ଦିର ସମ୍ମୁଖରେ ଉପରୋକ୍ତ ଦାବିକୁ ସରକାର ଗ୍ରହଣ କରିବା ପାଇଁ ଦିନ ୯ ଘଂଟାରୁ ୧୨ ଘଂଟା ପର୍ଯ୍ୟନ୍ତ ପ୍ରଦୀପ ପ୍ରଜ୍ୱଳନ କରି ସଂକୀର୍ତନ ସତ୍ୟାଗ୍ରହ କରାଯାଇଥିଲା ।ଆଜିର ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ ପିସିସି ବରିଷ୍ଠ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଜୟରାମ ପଟ୍ଟନାୟକ, ସୁଜିତ୍ ମହାପାତ୍ର,ରାଜେଶ ମିଶ୍ର,ବିନାୟକ ଦାସ ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ପୁଷ୍କର ମହାପାତ୍ର, ମଞ୍ଜୁଲତା ବାରିକୀ, ଭୀମସେନ ପ୍ରଧାନ,, ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ମିତ୍ରଭାନୁ ମହାପାତ୍ର, ସିତାକାନ୍ତ ମହାନ୍ତି, ନିରଞ୍ଜନ ରଥ ପୁରୀ ନଗର କଂଗ୍ରେସ (କ) ସଭାପତି ଛବିନ୍ଦ୍ର ପଡ଼ିଆରି, (ଖ) ଅମରେନ୍ଦ୍ର ପାଇକରାୟ, ଜିଲ୍ଲା ଲିଗାଲ ସେଲ ସଭାପତି କାଳି ପ୍ରାସାଦ ନାୟକ, ବିଦୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ସୁକାନ୍ତ ପ୍ରଧାନ, ପ୍ରେମଜୀତ ମହାନ୍ତି,ନୂତନ ଦାସ ମହାପାତ୍ର, ଚେତନ ମିଶ୍ର,ରଜତ ସାହୁ,ଅବିନାଶ ମିଶ୍ର, ବିଶ୍ୱରଂଜନ ମହାପାତ୍ର, ଆଶୁତୋଷ ମିଶ୍ର, ଆଦର୍ଶ ମିଶ୍ର, ମାର୍କଣ୍ଡ ମହାନ୍ତି,ଉମାକାନ୍ତ ବେହେରା , ସସ୍ମିତା ସ୍ୱାଇ, ଜିଲ୍ଲା ମୁଖପତ୍ର ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୀ ଓ ସତ୍ୟବାଦୀ ଅଚଂଳରୁ ସୁନା ଚେନ ଛିନତାଇ ମାମଲାରେ ୨ ଅଭିଯୁକ୍ତ ଗିରଫ

ପୁରୀ,୦୯।୧୧(ପି.ଏନ):ପୁରୀ ଓ ସତ୍ୟବାଦୀ ଥାନା ଅଚଂଳରୁ ବିଭିନ୍ନ ସମୟରେ ସୁନା ଚେନ ଛିନତାଇ ମାମଲାରେ ପୁଲିସ ବୁଧବାର ୨ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ୩ଗୋଟି ସୁନା ଚେନ,ଗୋଟିଏ ବାଇକ ଏବଂ ଛୁରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପ ମୁସଲିମ ବସ୍ତିର ସାହାଜାହାନ ଓରଫ ସଜନ ଓରଫ ପତୁ ଖାନ(୪୮) ଏବଂ ଗଞ୍ଜାମ ଅ ଳର ଭୁବନେଶ୍ୱରରେ ରହୁଥିବା ଆନନ୍ଦ କୁମାର ବିଶୋୟୀ(୨୯) ବୋଲି ସୂଚନା ମିଳିଛି। ଏ ନେଇ ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ,ଚଳିତ ବର୍ଷ ସେପ୍ଟେମ୍ବର ୪ତାରିଖରେ କୁମ୍ଭାରପଡା ଥାନା ଅଧୀନ ଉପର ନୂଆସାହିରେ ୨ଜଣ ଅଜଣା ବ୍ୟକ୍ତି ବାଇକରେ ଆସି ଦିପକ କୁମାର ମହାନ୍ତିଙ୍କ ମାଆଙ୍କ ବେକରୁ ସୁନା ଚେନ ଛିଡାଇ ନେଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରବର୍ତି ସମୟରେ ଉକ୍ତ ଥାନା ଅଧୀନ ସୀତାରାମ ଲେନର ପ୍ରମିଳା ମହାରଣାଙ୍କ ବେକରୁ ୨ଜଣ ଅଜଣା ଯୁବକ ସୁନା ଚେନ ଛିଡାଇ ନେଇଥିବା ଅଭିଯୋଗ ହୋଇଥିଲା।

## ରଣପୁର ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁଜଗନ୍ନାଥ ମନ୍ଦିର ସମ୍ମୁଖ ରେ ସଂକୀର୍ତନ ସତ୍ୟାଗ୍ରହ



ରଣପୁର,(ପି.ଏନ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ରଣପୁର ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସକାଳ ୯ଘଂଟିକା ରୁ ୧୨ଘଂଟିକା ପର୍ଯ୍ୟନ୍ତ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ର ଚାରିଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ର ଗଣତି, ମଣତୀ,ମରାମତି ଏବଂ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥ ଅମୃତ ମଣହି ଜମି ଓ ଚାଷୀ ଙ୍କ ଚାଷଜମିକୁ ତୁରନ୍ତ ଫେରସ୍ତ କରିବା ଦାବିରେ ରଣପୁର କଂଗ୍ରେସ ଦଳ ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ କରି 'ସଂକୀର୍ଣ୍ଣ ସତ୍ୟାଗ୍ରହ 'ଅନୁଷ୍ଠିତ ହୋଇଥିଲା କ୍ଷ ଏହି ସତ୍ୟାଗ୍ରହ ରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଂଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଲେ ସରକାର ଓଡିଶା ର ଚାରିକୋଟି ଜଗନ୍ନାଥ ପ୍ରେମିକ ଭାବାବେଗ ସହିତ ଖେଳୁଛନ୍ତି ଜଗନ୍ନାଥ ସେମାନଙ୍କୁ କ୍ଷମା କରିବେନି ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘନ ପାଇକରାୟ, ନଗର ସଭାପତି ସତ୍ୟ ରଞ୍ଜନ ମଡା, କିଷାନ କଂଗ୍ରେସ ସଭାପତି ଧୂର୍ବଚରଣ ପରିଡା,ମହିଳା କଂଗ୍ରେସ ପ୍ରତିମା ଜେନା,ଜିଲ୍ଲା ଉପସଭାପତି ସୁରେନ୍ଦ୍ର କଳସ,ପ୍ରଭାତ ମହାନ୍ତି ମିର ଅବୁବକର ସିଦ୍ଧିକ,ପ୍ରକାଶ ଚନ୍ଦ୍ର ନାୟକ,ବାଦଲ ପ୍ରଧାନ, ସୁରେଶ ମହାରଣା, ସୁଜିତ ସାହୁ, ଅନିଲ ପରିଡା, ମାନସ ମହାପାତ୍ର, ସୁଦର୍ଶନ ପ୍ରଧାନ, ବିଜୟ ପରିଡା,ଶିଶିର ଭଞ୍ଜ, କୃଷ୍ଣ ସେଠି, ସାରଦା ସୁବୁଦ୍ଧି, ଶରତ ଦାସ, ରବୀନ୍ଦ୍ର ସାମନ୍ତରା,ଦିତିକୃଷ ସାମନ୍ତରା,ରମେଶ ସାମନ୍ତରା, ଖଲିଆ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କର୍ମକର୍ତା ସତ୍ୟାଗ୍ରହ ରେ ସାମିଲ ହୋଇଥିଲେ

## ରାସ୍ତା ଉପରେ ଆବର୍ଜନା ପରି ପଡି ରହିଛି ଶହ ଶହ ଭୋଟର କାର୍ଡ



ଗୋଲାମୁଣ୍ଡା, (ପି.ଏନ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପୁରୁଣା ବ୍ଲକ କାର୍ଯ୍ୟାଳୟ ତଥା ପୁରୁଣା ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ପଛପଟେ ଥିବା ରାସ୍ତା କଡରେ କୁଢ଼ କୁଢ଼ ଭୋଟ ପରିଚୟ ପଡି ରହିଥିବାର ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ଯେ ଜନକଲ୍ୟାଣ ସାମ୍ବାଦିକ ଗୋଷ୍ଠୀର ସାମ୍ବାମଦିକମାନେ ବ୍ଲକ କୃଷିବିଭାଗ କାର୍ଯ୍ୟାଳୟକୁ ଯିବା ବେଳେ ରାସ୍ତାରେ କୁଢ଼ କୁଢ଼ ଭୋଟର ପରିଚୟ ପତ୍ର ପଡିଥିବା ଦେଖିବାକୁ ପାଇଥିଲେ । ଏତେ ସଂଖ୍ୟାରେ ଭୋଟର ପରିଚୟ ପତ୍ର ପଡିଥିବା ନେଇ ବୁଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଭୋଟର ପରିଚୟପତ୍ର ଗୁଡିକ ବାସ୍ତବିକ ବୋଲି ଜଣାପଡ଼ିଥିବା ବେଳେ କେହି ଦୁର୍ବୃତ୍ତ ବ୍ୟକ୍ତି ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି । ଭୋଟର ପରିଚୟ ପତ୍ର ଏକ ଜାତୀୟ କାର୍ଡ ଯାହାଦ୍ୱାରା ଜଣେ ନାଗରିକ ନିଜର ଭୋଟ ଖଣ୍ଡିକ ଦେଇ ଭାରତ ସମ୍ବିଧାନର ଶାସନ ପଦ୍ଧତିକୁ ଚଳାଇବାକୁ ସହାୟକ ହୋଇଥାଏ । ହେଲେ ଏପରି ଏକ ମୂଲ୍ୟବାନ ଜିନିଷକୁ ରାସ୍ତାକଢ଼ରେ ଫିଙ୍ଗି ଦେଇଥିବା ନେଇ ପୂର୍ବତନ ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ ପ୍ରଶାସନ ଓ ବିଭାଗୀୟ କର୍ମଚାରୀ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏହି ଭୋଟର କାର୍ଡ ଧର୍ମଗଡ଼ ନିର୍ବାଚନ ଆୟୋଗ କାର୍ଯ୍ୟାଳୟରେ ରହିବା ବଦଳରେ ଗୋଲାମୁଣ୍ଡା ପୁରୁଣା ବ୍ଲକ ପଛପଟେ ବହୁ ସଂଖ୍ୟାରେ ପଡିଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି । ଏ ନେଇ ଧର୍ମଗଡ଼ ଉପ ଜିଲ୍ଲାପାଳ ବିରଞ୍ଚିନାରାୟଣ ଦରୁଆନଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ ସେ ବିଡିଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ରିମିତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଜିପିଓଙ୍କୁ ପ୍ରତିକ୍ରିୟା ମାଗିବାରୁ କୌଣସି ଉତ୍ତର ଦେଇ ନ ଥିଲେ । ଧର୍ମଗଡ଼ ଉପ ଜିଲ୍ଲାପାଳ ଏ ଉପରେ ତଦନ୍ତ କରି ଅବହେଳିତ କର୍ମଚାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଶ୍ରୀ ମଙ୍ଗରାଜ ।

## ରଣପୁର ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁଜଗନ୍ନାଥ ମନ୍ଦିର ସମ୍ମୁଖ ରେ ସଂକୀର୍ତନ ସତ୍ୟାଗ୍ରହ

ରଣପୁର,(ପି.ଏନ):ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଙ୍କ ଆହ୍ୱାନ କ୍ରମେ ଆଜି ରଣପୁର ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସକାଳ ୯ଘଂଟିକା ରୁ ୧୨ଘଂଟିକା ପର୍ଯ୍ୟନ୍ତ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ର ଗଣତି, ମଣତୀ,ମରାମତି ଏବଂ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥ ଅମୃତ ମଣହି ଜମି ଓ ଚାଷୀ ଙ୍କ ଚାଷଜମିକୁ ତୁରନ୍ତ ଫେରସ୍ତ କରିବା ଦାବିରେ ରଣପୁର କଂଗ୍ରେସ ଦଳ ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ କରି 'ସଂକୀର୍ଣ୍ଣ ସତ୍ୟାଗ୍ରହ 'ଅନୁଷ୍ଠିତ ହୋଇଥିଲା କ୍ଷ ଏହି ସତ୍ୟାଗ୍ରହ ରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଂଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଲେ ସରକାର ଓଡିଶା ର ଚାରିକୋଟି ଜଗନ୍ନାଥ ପ୍ରେମିକ ଭାବାବେଗ ସହିତ ଖେଳୁଛନ୍ତି ଜଗନ୍ନାଥ ସେମାନଙ୍କୁ କ୍ଷମା କରିବେନି ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘନ ପାଇକରାୟ, ନଗର ସଭାପତି ସତ୍ୟ ରଞ୍ଜନ ମଡା, କିଷାନ କଂଗ୍ରେସ ସଭାପତି ଧୂର୍ବଚରଣ ପରିଡା,ମହିଳା କଂଗ୍ରେସ ପ୍ରତିମା ଜେନା,ଜିଲ୍ଲା ଉପସଭାପତି ସୁରେନ୍ଦ୍ର କଳସ,ପ୍ରଭାତ ମହାନ୍ତି ମିର ଅବୁବକର ସିଦ୍ଧିକ,ପ୍ରକାଶ ଚନ୍ଦ୍ର ନାୟକ,ବାଦଲ ପ୍ରଧାନ, ସୁରେଶ ମହାରଣା, ସୁଜିତ ସାହୁ, ଅନିଲ ପରିଡା, ମାନସ ମହାପାତ୍ର, ସୁଦର୍ଶନ ପ୍ରଧାନ, ବିଜୟ ପରିଡା,ଶିଶିର ଭଞ୍ଜ, କୃଷ୍ଣ ସେଠି, ସାରଦା ସୁବୁଦ୍ଧି, ଶରତ ଦାସ, ରବୀନ୍ଦ୍ର ସାମନ୍ତରା,ଦିତିକୃଷ ସାମନ୍ତରା,ରମେଶ ସାମନ୍ତରା, ଖଲିଆ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କର୍ମକର୍ତା ସତ୍ୟାଗ୍ରହ ରେ ସାମିଲ ହୋଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray